# ୮୫୯ ବାତ୍ୟା ଆଶ୍ରୟସ୍ଥଳରୁ ୩୧୨ ଅସୁରକ୍ଷିତ

- ଜିଲାରେ ସମସ୍ୟା ସୃଷ୍ଟି କରିବ ବର୍ଷାଋତୁ
- ସବୁଠି ଜେନେରେଟର, ଲାଇଫ୍ ଜ୍ୟାକେଟ ସୁବିଧା ନାହିଁ
- ଆଶ୍ରୟସ୍ଥଳରେ ରହିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ବିପନ୍ନ

କେନ୍ଦ୍ରାପଡ଼ା, ୬।୬ (ଜଗନ୍ନାଥ ଧଳ)



ମହାକାଳପଡ଼ା ଜଗତିଜୋରଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳ।

ରାଜ୍ୟରେ ଚଳିତ ବର୍ଷର ପ୍ରଥମ ମୌସୁମୀ ବର୍ଷା ଆସନ୍ତା ସପ୍ତାହରୁ ଆରମ୍ଭ ହେବ ବୋଲି ପାଣିପାଗ ବିଶେଷଜ୍ଞ ସତର୍କ କରିଛନ୍ତି। ସାମୁଦ୍ରିକ ଝଡର ଆଶଙ୍କା ସର୍ବଦା ରହୁଥିବା ବେଳେ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ପାଇଁ ଆଗାମୀ ମୌସୁମୀ ବର୍ଷା ସମସ୍ୟା ସୃଷ୍ଟି କରିବ। ବର୍ଷା ଅଧିକ ହେଲେ ଜିଲାରେ ପ୍ରବାହିତ ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, ପାଇକା, ବ୍ରାହ୍ମଣୀ, ଗୋବରୀ ଆଦି ନଦୀର ଜଳସ୍ତର ବୃଦ୍ଧି ପାଇବ। ଫଳରେ ଜିଲାର ଅଧିକାଂଶ ଅଞ୍ଚଳରେ ଦୁର୍ବଳ ନଦୀବନ୍ଧ ଓ ଶେଷ ମୁଣ୍ଡରେ ବନ୍ଧବାଡ ନ ଥିବାରୁ ବନ୍ୟା ଜଳ ପ୍ରାୟ ୪୫୦ ଗ୍ରାମକୁ ପ୍ରଭାବିତ କରିବ। ଏସବୁ ସ୍ଥାନରେ ଆଶ୍ରୟସ୍ଥଳର ଆବଶ୍ୟକତା ଅଛି। ତେବେ ଦୀର୍ଘବର୍ଷ ଧରି ବ୍ୟବହାର ହେଉଥିବା ୮୫୯ ଆଶ୍ରୟସ୍ଥଳ ମଧ୍ୟରୁ ଗତ ୬ ବର୍ଷ ହେବ ୩୧୨ଟିକୁ ଜିଲା ପ୍ରଶାସନ ଅସୁରକ୍ଷିତ ଘୋଷଣା କରିଛନ୍ତି। ସେହିପରି କେତେକ ସ୍ଥାନରେ ଜେନେରେଟର, ଲାଇଫ୍ ଜ୍ୟାକେଟ ପରି ଅତ୍ୟାବଶ୍ୟକ ସୁବିଧା ନାହିଁ। ବର୍ଷା ପୂର୍ବରୁ ଏସବୁର ମରାମତି ସହ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନ ସଜାଗ ରହିବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ସହରର ବିଜୟ କୁମାର ମଣ୍ଡଳ କହିଛନ୍ତି, ଏହି ଜିଲାରେ ଶେଷ ଥର ପାଇଁ ୨୦୨୧ ମସିହାରେ ବଡଧରଣର ବନ୍ୟା ହୋଇଥିଲା। ଏଥିରେ ୧୪୧ ପଞ୍ଚାୟତ ସହ ପଟ୍ଟାମୁଣ୍ଡାଇର ୧୧ ୱାର୍ଡ ପ୍ରଭାବିତ ହୋଇଥିଲା। ଏହି ସମୟରେ ଅସୁରକ୍ଷିତ ଆଶ୍ରୟସ୍ଥଳରେ ରହିବାକୁ ଲୋକମାନେ ଅନିଚ୍ଛା ପ୍ରକାଶ କରିଥିଲେ। ଆଶ୍ରୟସ୍ଥଳରେ ପାନୀୟ ଜଳର ଅଭାବ ଦେଖାଦେଇଥିଲା। ସେହିପରି ଗ୍ରାମାଞ୍ଚଳରେ ଥିବା ଫଟା କାନ୍ଥ, ଦୋହଲୁଥିବା ଘର ଜୀବନହାନିର ଆଶଙ୍କା ଅଛି। ଉପାନ୍ତ ଅଞ୍ଚଳରେ ଏହା ଅଧିକ ବିପଜ୍ଜନକ ସାବ୍ୟସ୍ତ ହେବ। ଡେରାବିଶ ବ୍ଲକର ଧୀରେନ୍ଦ୍ର କୁମାର ଜେନା କହିଛନ୍ତି, କରାଣ୍ଡିଆ ନଦୀ ଆମ ପାଇଁ ସର୍ବଦା ବିପଦ ସାଜିଛି। ନଦୀରେ ବନ୍ୟା ଆସିଲେ ଆଶ୍ରୟସ୍ଥଳ ଖୋଜାପଡେ। ତେବେ ଏଠାରେ ଥିବା ଆଶ୍ରୟସ୍ଥଳର କାନ୍ଥ ଫାଟିଯିବା ସହ ଛାତରୁ ଖଣ୍ଡ ଖଣ୍ଡ କଂକ୍ରିଟ ସିମେଣ୍ଟ ପଲସ୍ତରା ଖସୁଛି। ରାଜନଗର ପାରିନଗରର ସୁମନ୍ତ ଭୂୟାଁ କହିଛନ୍ତି, ଆଶ୍ରୟସ୍ଥଳକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଏନ୍‌ସିଆର୍‌ଏମ୍‌ପି ପ୍ରକଳ୍ପରେ ନୂତନ ଆଶ୍ରୟସ୍ଥଳ ପାଇଁ ମଞ୍ଜୁରୀ ମିଳିଛି। ତେବେ ଗୃହ ନିର୍ମାଣରେ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଳମ୍ବ କରୁଛି। ଡେରାବିଶର ସାମାଜିକ କର୍ମୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି, ଜିଲା ପ୍ରଶାସନ ଅସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳ ସମ୍ପର୍କରେ ଅବଗତ ଅଛନ୍ତି। ତେବେ ଏହାର ନିରାକରଣ ହେଉନାହିଁ। ଜିଲା ଜଳସମ୍ପଦ ବିଭାଗ ଅଧୀକ୍ଷକ ଇଂ. ଉମେଶ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଜିଲାରେ ଥିବା ନଦୀବନ୍ଧ ମରାମତି ଚାଲିଛି। ଖୁବ୍‌ଶୀଘ୍ର ଆଉଥରେ ଦୁର୍ବଳ ନଦୀବନ୍ଧର ତର୍ଜମା କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ। ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ବାତ୍ୟା ଆଶ୍ରୟସ୍ଥଳ ଅପେକ୍ଷାକୃତ ଭଲ ଅଛି। ବନ୍ୟା ଅଥବା ବାତ୍ୟା ପରି ପ୍ରାକୃତିକ ବିପଦ ସମୟରେ ସୁରକ୍ଷା ପ୍ରଦାନ କରୁଛି। ତେବେ କେତେକ ସ୍ଥାନରେ ମରାମତି ଓ ଉପକରଣର ଆବଶ୍ୟକତା ଅଛି। ଏ ସମ୍ପର୍କରେ ତନଖି କରାଯାଇ ପ୍ରତିକାର ବ୍ୟବସ୍ଥା ଖୁବ୍‌ଶୀଘ୍ର ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପକ



@ ରାଜଶ୍ରୀ



@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧର୍ମଶାଳାବାସୀଙ୍କୁ କୃତଜ୍ଞତା ଜଣାଇଲେ ହିମାଂଶୁ

କାଏମା,୬।୬ (ଶିବପ୍ରସାଦ ମହାନ୍ତି):





ଖବରଦାତା ସମ୍ମିଳନୀରେ ହିମାଂଶୁ ଶେଖର ସାହୁ।

ଧର୍ମଶାଳା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁ ବିଜୟ ହାସଲ କରିବା ପରେ ଧର୍ମଶାଳାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗୁରୁବାର ଅପରାହ୍ନରେ ଜାରକା କୁମାରୀସ୍ଥିତ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଧର୍ମଶାଳାରେ ଏବେ ସଧାରଣ ଲୋକଙ୍କ ଶାସନ ଆରମ୍ଭ ହେବ। ଏଠାରେ ମାଫିଆ ଶାସନରେ ଅତିଷ୍ଠ ହୋଇ ଲୋକେ ତାଙ୍କୁ ନିର୍ବାଚିତ କରାଇଛନ୍ତି। ଆଗାମୀ ଦିନରେ ଧର୍ମଶାଳାରେ ଦୁର୍ନୀତି, ଭ୍ରଷ୍ଟାଚାର ସହ ମାଫିଆ ହଟିବେ। ସୁଶାସନ ପ୍ରତିଷ୍ଠା ସହିତ ନୂତନ ଧର୍ମଶାଳା ଗଢ଼ିବା ତାଙ୍କର ଆଭିମୁଖ୍ୟ ହେବ। ଗରିବ, ନିଷ୍ପେସିତ, ଅସହାୟ ଲୋକଙ୍କ ସେବା କରୁଥିବାବେଳେ ତାଙ୍କୁ ବିଭିନ୍ନ ପ୍ରକାର ବାଧା ବିଘ୍ନର ସାମ୍ନା କରିବାକୁ ପଡୁଥିଲା। ଥାନାରେ ଅନେକ ମାମଲା ମଧ୍ୟ ହୋଇଥିଲା। ତେଣୁ ସଧାରଣ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ନିମନ୍ତେ ସେ ସମାଜ ସେବାରୁ ରାଜନୀତିକୁ ଆସିଛନ୍ତି। ସେହିପରି ନିର୍ବାଚନରେ ଇଭିଏମ ଅଦଳବଦଳ ସନ୍ଦେହ ଘଟଣା ଉପରେ ମଧ୍ୟ ସେ ଆଲୋଚନା କରିଛନ୍ତି। ଯେଉଁମାନେ ଘଟଣାସ୍ଥଳରେ ନ ଥିଲେ ତାଙ୍କ ନାମରେ ମାମଲା ରୁଜୁକରି ତାଙ୍କୁ ପୋଲିସ ହଇରାଣ ହରକତ କରିବା ସହ ଅନେକଙ୍କୁ ଗିରଫ କରିଛି। ସେ ଏସବୁ ଅରାଜକତା ବନ୍ଦ କରାଇ ଶାନ୍ତିର ଧର୍ମଶାଳା ଗଠନ କରିବେ। ସେ ସେବା କରୁଥିଲେ, ଆଗକୁ ମଧ୍ୟ ସେବା କରିବେ। ହେଲେ ବିଧାୟକ ହୋଇ ନୁହେଁ ବରଂ ସେବକ ହୋଇ ସେବା କରିବେ ବୋଲି ହିମାଂଶୁ ମତପ୍ରକାଶ କରିଛନ୍ତି।

# କେନ୍ଦ୍ରାପଡ଼ାରୁ ଦୁଇ ବଦଳରେ ୨ ମନ୍ତ୍ରୀକୁ ନେଇ ଚର୍ଚ୍ଚା

କେନ୍ଦ୍ରାପଡ଼ା, ୬।୬ (ଜଗନ୍ନାଥ ଧଳ)



ଏମ୍‌ପି ବୈଜୟନ୍ତ ପଣ୍ଡା



ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ

କେନ୍ଦ୍ରାପଡ଼ା ଦୁଇ ମନ୍ତ୍ରୀଙ୍କ ମଧ୍ୟରୁ ଅତନୁ ସବ୍ୟସାଚୀ ନାୟକ ଚଳିତ ନିର୍ବାଚନରେ ପରାଜିତ ହୋଇଥିବା ବେଳେ ଆଳିରୁ ବିଧାୟକ ଭାବେ ପ୍ରତାପ କେଶରୀ ଦେବ ବିଜୟୀ ହୋଇଛନ୍ତି। ଶାସକ ଦଳ ବିଜେଡି ଏବେ ବିରୋଧୀ ଭୂମିକା ଗ୍ରହଣ କରିବ। ଏଣୁ କେନ୍ଦ୍ରାପଡ଼ା ଜିଲାରୁ ଦୁଇ ମନ୍ତ୍ରୀ ଆଶା ମଉଳି ଯାଇଛି। ତେବେ ଏହା ବଦଳରେ ରାଜ୍ୟ ଓ କେନ୍ଦ୍ର ଶାସନରେ ଜିଲାକୁ ୨ ମନ୍ତ୍ରୀ ମିଳିବ ବୋଲି ମଙ୍ଗଳବାରଠାରୁ ଆଲୋଚନା ଆରମ୍ଭ ହୋଇଯାଇଛି। ଚଳିତ ନିର୍ବାଚନ ଫଳରେ ଭାଜପା ରାଜ୍ୟ ସରକାର ଗଠନ କରିବାକୁ ଯାଉଛି। ମହାକାଳପଡ଼ାର ଭାଜପା ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ରାଜନୀତିରେ ନୂଆ ମୁହଁ ହୋଇଥିଲେ ମଧ୍ୟ ରେକର୍ଡ ପରିମାଣ ଭୋଟ ବ୍ୟବଧାନରେ ଜିତିଛନ୍ତି। ରାଜ୍ୟ ସରକାରରେ ତାଙ୍କର ମନ୍ତ୍ରୀତ୍ୱ ପଦ ରହିବ ବୋଲି ଜିଲାରେ ଆଲୋଚନା ଜାରି ରହିଛି। ଅପରପକ୍ଷରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏହି ନିର୍ବାଚନରେ ଏମ୍‌ପି ପଦ ଜିତିଛନ୍ତି। ଗତ ୫ବର୍ଷ ମଧ୍ୟରେ ଆସାମ ଓ ଉତ୍ତରପ୍ରଦେଶର ପ୍ରଭାରୀ ଭାବେ ରହି ଦଳକୁ ସେହି ରାଜ୍ୟରେ ଜିତାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରରେ ମନ୍ତ୍ରୀ ପଦ ତାଙ୍କୁ ମିଳିବା ଅସମ୍ଭବ ନୁହେଁ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ସର୍ବଭାରତୀୟ ଡାକ୍ତରୀ ପରୀକ୍ଷାରେ ଆଳିର ୨ ଛାତ୍ରୀଛାତ୍ର

ଆଳି,୬।୬(ବନମାଳୀ ସେନାପତି)





ସ୍ୱାଗତିକା ପ୍ରିୟଦର୍ଶିନୀ ସାହୁ । ଆର୍ଯ୍ୟ ଦାସ

ସର୍ବଭାରତୀୟ ଡାକ୍ତରୀ ପରୀକ୍ଷା (ନିଟ୍) ପରୀକ୍ଷାରେ ଆଳି ବ୍ଲକ ଅଞ୍ଚଳର ୨ ଜଣ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରି ଡାକ୍ତରୀ ପାଠ ପଢ଼ିବାର ସଫଳତା ପାଇଛନ୍ତି। ବ୍ଲକ ଅନ୍ତର୍ଗତ ସିଙ୍ଗିରି ପଞ୍ଚାୟତର ରାଇସରପୁର ଗ୍ରାମର ଦୀପକ କୁମାର ଦାସଙ୍କ ପୁଅ ଆର୍ଯ୍ୟ ଦାସ ପରୀକ୍ଷାର ୭୨୦ ମାର୍କରୁ ୭୧୦ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୫୯୩ ର୍‍ୟାଙ୍କରେ କୃତିତ୍ୱ ଅର୍ଜନ କରିଛନ୍ତି। ସେହିପରି ବାଲକାଟିର ପ୍ରତାପ ସାହୁଙ୍କ ଝିଅ ସ୍ୱାଗତିକା ପ୍ରିୟଦର୍ଶିନୀ ସାହୁ ୭୨୦ ମାର୍କରୁ ୭୦୦ ନମ୍ବର ରଖି ସର୍ବ ଭାରତୀୟସ୍ତରରେ ୨୧୧୧ରେ ରହିଥିବା ଜଣାପଡିଛି। ଏହି କୃତୀ ଛାତ୍ରୀଛାତ୍ର ସର୍ବଭାରତୀୟ ସ୍ତରରେ ସଫଳତା ହାସଲ କରି ଆଳି ତଥା କେନ୍ଦ୍ରାପଡ଼ା ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି ବୋଲି ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

# ୧୨୨ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଯାଜପୁରରୋଡ୍,୬।୬ (ପବିତ୍ର ରଞ୍ଜନ ମହାନ୍ତି):

ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଗୁରୁବାର ପାଣିକୋଇଲି ଥାନା ଅଧୀନ ସଠିପୁର ଛକରେ ଚଢ଼ାଉ କରାଯାଇ ୧୨୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହିତ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଭଦ୍ରକ ଜିଲା ଧୁଷୁରି ଥାନା ଅଧୀନ ଶହୀଦନଗର-କାଟସାହି ଗ୍ରାମର ଶଶିକାନ୍ତ ମନକାର। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ବିଭୂପ୍ରସାଦ ସାହୁ ସଠିପୁର ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ବ୍ରାଉନସୁଗାର ବିକୁଥିବା ଦେଖି ତାଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ନଂ.୫୧।୨୪ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଏସ୍‌ଆଇ ବିଭୂପ୍ରସାଦସାହୁ, ଶ୍ରୀକାନ୍ତ ପଣ୍ଡା, ଏସ୍‌ଆଇ କ୍ଷୀରୋଦ କୁମାର ସାହୁ, କର୍ମଚାରୀ ବିକ୍ରମ ବେହେରା, ସତ୍ୟବାଦୀ ଭୋଇ ଓ ଲିପ୍ସା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ନବୀନଙ୍କୁ ଝୁରୁଛନ୍ତି ରାଜନଗରର ଆରତି ମା’

ରାଜନଗର, ୬।୬(ଭାସ୍କର ରାଉତରାୟ)

ଚଳିତ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ଫଳାଫଳ ସମଗ୍ର ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ନିର୍ବାଚନ ଶେଷରେ ପୂର୍ବାନୁମାନ କରାଯାଇଥିବା ବିଭିନ୍ନ ଜାତୀୟସ୍ତରୀୟ ଏକ୍‌ଜିଟ୍ ପୋଲ୍‌ରେ ଆକଳନ କରାଯାଇଥିବା ଫଳାଫଳକୁ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ କରିଛନ୍ତି ଓଡ଼ିଶାବାସୀ। ଦୀର୍ଘ ୨୪ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ ବିପୁଳ ଲୋକପ୍ରିୟତା ହାସଲ କରିଥିବା ଏବଂ ଜାତୀୟ ସ୍ତରରେ ମୁଖ୍ୟମନ୍ତ୍ରୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ନବୀନ ପଟ୍ଟନାୟକ ପରାଜିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାଜୟକୁ ରାଜନଗରବାସୀ ସହଜେ ଗ୍ରହଣ କରିପାରିନାହାନ୍ତି। ନିଜର ପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ପରାଜୟକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ରାଜନଗର ଗ୍ରାମର ବୃଦ୍ଧା ଆରତି ସେଠୀ। ଗୁରୁବାର ବାଷ୍ପଭରା କଣ୍ଠରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସାମ୍ନାରେ ନବୀନବାବୁଙ୍କୁ ପୁଅର ସମ୍ମାନ ଦେବା ସହିତ ଅନ୍ତୁଡିଶାଳରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯୁଗାନ୍ତକାରୀ ଜନକଲ୍ୟାଣ ଯୋଜନାର ଚିକିନିଖି ହିସାବ ଦେବା ବେଳେ ତାଙ୍କ ଆଖିରୁ ଦୁଇଟୋପା ଲୁହ ଖସି ପଡୁଥିଲା। ମୋ ପିଲା ସମୟରେ ରାଜନଗରରେ ବାତ୍ୟା ହୋଇଥିଲା। ନବୀନବାବୁଙ୍କ ବାପା ସେତେବେଳେ ଦେବଦୂତ ଭାବେ ଆମ ପାଖରେ ଛିଡା ହୋଇଥିଲେ। ତାଙ୍କ ପୁଅ ମୁଖ୍ୟମନ୍ତ୍ରୀ ହେବା ପରେ ଆମକୁ ଛତାଠାରୁ ଆରମ୍ଭ କରି ଘର ଛାତ ପର୍ଯ୍ୟନ୍ତ ସବୁ ଯୋଜନାରେ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ। ରୋଗ ବଇରାଗ ହେଲେ ମାଗଣାରେ ବଡ ଡାକ୍ତରଖାନାରେ ଆମ ପିଲାମାନେ ଚିକିତ୍ସା ସୁବିଧା ପାଉଥିଲେ। କାଲି ନବୀନବାବୁ ହାରିଯିବା ପରେ ଆମ ଦୁଃଖ କିଏ ବୁଝିବ ବୋଲି ଆରତୀ ସେଠୀଙ୍କ ସହିତ ମୁକୁତା ସେଠୀ, ମିଟି ସେଠୀ, ରମା ସେଠୀ, ନିମା ସେଠୀ ପ୍ରମୁଖ କୋହଭରା କଣ୍ଠରେ କହିଛନ୍ତି।



ନବୀନଙ୍କୁ ଆରତିଙ୍କ ସହ ମହିଳାମାନେ ଝୁରି ହେଉଛନ୍ତି।

# ଚାଷୀଙ୍କୁ ମିଳୁନି ସରକାରୀ ଧାନ ବିହନ

- ଅକ୍ଷୟ ତୃତୀୟାକୁ ୨୫ ଦିନ ବିତିଲା
- ନିଜସ୍ୱ ଉତ୍ପାଦିତ ବିହନ ଉପରେ ଭରସା ପାଉନି
- ନିର୍ବାଚନୀ ହାର ଜିତ୍‌ରେ କୃଷକଙ୍କ ସ୍ୱାର୍ଥକୁ ଅଣଦେଖା

ପଟ୍ଟାମୁଣ୍ଡାଇ, ୬।୬ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷଜମି ହଳ ହୋଇ ପଡିଛି।

ଅକ୍ଷୟ ତୃତୀୟା ଯିବାର ୨୫ ଦିନ ପରେ ବି ଚାଷୀଙ୍କୁ ସ୍ୱଳ୍ପମିଆଦୀ ଧାନବିହନ ମିଳୁନି କି ଏ ଦିଗରେ କାହାରି ଚିନ୍ତା ନାହିଁ। ନିର୍ବାଚନୀ ହାର ଜିତ୍‌ରେ କୃଷକଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଥିବା ଚାଷୀମାନେ ଅଭିଯୋଗ ଉଠାଇଛନ୍ତି। ମୌସୁମୀ ବାୟୁ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଓଡ଼ିଶାରେ ପ୍ରବେଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନେ ଚାଷ ପାଇଁ ଅଣ୍ଟା ଭିଡ଼ି କ୍ଷେତ ପ୍ରସ୍ତୁତ କରି ସାରିଥିବା ବେଳେ ବିହନ ମିଳୁ ନ ଥିବାରୁ ଚିନ୍ତାରେ ରହିଛନ୍ତି। ଚଳିତ ମାସ ୧୫ ତାରିଖ ସୁଦ୍ଧା ଚାଷୀଙ୍କୁ ସରକାରୀ ରିହାତି ଦରରେ ଧାନ ବିହନ ନ ମିଳିଲେ ନିଜସ୍ୱ ଉତ୍ପାଦିତ ବିହନକୁ ଭରସା କରିବାକୁ ପଡିବ ବୋଲି ଚାଷୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଫଳରେ ଚଳିତ ଖରିଫ ଋତୁରେ ଧାନ ଅମଳ ପ୍ରଭାବିତ ହେବାର ଢେର ସମ୍ଭାବନା ରହିଛି ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି।

କୃଷକ ନେତା ବିଜୟ ଦାସ, ଅଜୟ ନାୟକ, କୁଞ୍ଜବିହାରୀ ନାୟକ, ନରେଶ ଜେନା, ରଞ୍ଜିତ ପ୍ରଧାନ ପ୍ରମୁଖ କହିଛନ୍ତି, ପୂର୍ବରୁ ଚାଷୀମାନେ ନିଜ ଉତ୍ପାଦିତ ଦେଶୀ ବିହନକୁ ଅମଳ ବେଳେ ଓଳିଆରେ ବାନ୍ଧି ସାଇତି ରଖୁଥିଲେ। କିନ୍ତୁ ଏବେ ଚାଷୀଙ୍କ ଓଳିଆରୁ ଦେଶୀ ବିହନ ଉଭାନ ହୋଇଛି। ଚାଷୀମାନେ ହାଇବ୍ରିଡ ଜାତୀୟ ଧାନ ବିହନ ଉପରେ ନିର୍ଭର କରୁଛନ୍ତି। ଏହି ବିହନ ଚାଷ କଲେ ଚାଷୀମାନେ ଅଧିକ ଫସଲ ଅମଳ କରୁଛନ୍ତି। ପାଗ ଅନୁକୂଳ ହୋଇଥିବାରୁ ଚାଷୀମାନେ ହଳ ଓ ବୁଣା କାମ ଆରମ୍ଭ କଲେଣି। ଧାନ ବିହନ ମିଳିଲେ ତଳି ପଡ଼ିବ ଓ ପରେ ଧାନରୁଆ ହେବ। ତେବେ ଚାଷୀମାନେ ବିହନ ପାଇଁ ସମବାୟ ସମିତିଠାରୁ ଆରମ୍ଭ କରି କୃଷି ବିଭାଗ ଅଫିସ ଯାଉଥିଲେ ହେଁ କାହାର ଦେଖା ମିଳୁ ନ ଥିବା ବେଳେ ବିହନ ମିଳୁନାହିଁ। ଏଣୁ ବାଧ୍ୟ ହୋଇ ଅଧିକ ମୂଲ୍ୟରେ ବିହନ ବାହାରୁ କିଣିବାକୁ ପଡୁଛି। ଓଡ଼ିଶା ସରକାର କୃଷିକୁ ପ୍ରାଧାନ୍ୟ ଦେଇ ବହୁ ଯୋଜନା କରିଥିବା ବେଳେ ଚଳିତବର୍ଷ ଚାଷୀଙ୍କ ପାଖରେ ବିହନ ନ ପହଞ୍ଚିବା କୃଷକମାନଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟକୁ ନେଇ ସ୍ଥାନୀୟବାସୀ ପ୍ରଶ୍ନ ଉଠାଇଛନ୍ତି। ୨୦୨୪-୨୫ କୃଷି ବର୍ଷରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୨ ହଜାର ଏକର ଜମିରେ ଧାନଚାଷ ହେବା ନେଇ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଧାନ ବିହନ ଅନୁକୂଳ ଅକ୍ଷୟ ତୃତୀୟାରୁ ହୋଇସାରିଛି। ଏହା ଭିତରେ ୪ସପ୍ତାହ ବିତିବାକୁ ବସିଲାଣି। ବିଲକୁ ଧାନ ବିହନ ମୁଠେ ଯାଇନାହିଁ। ତେଣେ ଆଗାମୀ ସପ୍ତାହ ସୁଦ୍ଧା ମୌସୁମୀ ଓଡ଼ିଶା ଛୁଇଁବ। ଏଥିପୂର୍ବରୁ ଧାନ ବୁଣା ନ ହେଲେ ହଜାର ହଜାର ଏକର ଧାନ କ୍ଷେତ ପଡ଼ିଆ ପଡ଼ିବ। ଏଭଳି ସ୍ଥିତି ପାଇଁ ଚାଷୀ ସରକାରଙ୍କୁ ଦାୟୀ କରୁଛନ୍ତି। ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ୩ମାସ ଅବଧି ହାଇବ୍ରିଡ ଧାନ ରିହାତି ଦରରେ ଯୋଗାଇ ଦିଆଯାଇ ଆସୁଥିଲା। ଏହି ହାଇବ୍ରିଡ ଧାନ ବିହନ ପ୍ରତି ଚାଷୀଙ୍କର ବହୁଳ ଚାହିଦା ମଧ୍ୟ ରହୁଛି। ଉକ୍ତ ବିହନ ବ୍ୟବହାର କରି ଚାଷୀ କମ୍‌ଦିନରେ ଅଧିକ ଅମଳ କରିବାକୁ ସକ୍ଷମ ହୋଇପାରୁଛି। ମାତ୍ର ଚଳିତବର୍ଷ ସରକାର ବଦଳି ପରିପ୍ରେକ୍ଷୀରେ ସେଭଳି ସ୍ଥିତି ଉପୁଜିବ ନାହିଁ ବୋଲି ଜଣାପଡିଛି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ଶରତ ନାୟକଙ୍କୁ ପଚାରିବାରୁ ଜିଲାକୁ ଧାନ ବିହନ ଆସିଲାଣି, ଚାଷୀଙ୍କୁ ମିଳିଯିବ ବୋଲି ସେ କହିଛନ୍ତି।

# ଚିନ୍ତାର କାରଣ ବିଦ୍ୟୁତ୍ ଫାଶ

ନୟାଗଡ଼,୬।୬(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ଖୋର୍ଦ୍ଧା ବନଖଣ୍ଡର ରଣପୁର ରେଞ୍ଜର ବିଭିନ୍ନ ପାଦଚଲା ଜଙ୍ଗଲ ରାସ୍ତାରେ ବିଦ୍ୟୁତ୍ ଫାଶ ଚିନ୍ତାର କାରଣ ପାଲଟିଛି। ଗତ ୭ ବର୍ଷ ମଧ୍ୟରେ ୩ ମଣିଷ, ଗୋଟିଏ ହାତୀ ଓ ୧ ହଜାରରୁ ଊର୍ଦ୍ଧ୍ୱ ବାର୍ହା ଫାଶରେ ପଡି ପ୍ରାଣ ହରାଇ ସାରିଲେଣି ବୋଲି ଅଭିଯୋଗ ହୋଇ ଆସୁଛି। ବାର୍ହା ଶିକାର ପାଇଁ ବିଦ୍ୟୁତ୍ ଫାଶ ବସୁଥିଲେ ମଧ୍ୟ ଏଥିରେ ବନ୍ୟପ୍ରାଣୀ ଶିକାର ହେଉଛନ୍ତି। ଏହି ଭଳିଆ ଶିକାର ନୟାଗଡ଼ ଜିଲାର ବିଭିନ୍ନ ଜଙ୍ଗଲରେ ସବୁ ସମୟରେ ହୋଇ ଆସୁଥିଲେ ମଧ୍ୟ ଏହାର ନିରାକରଣ ପାଇଁ ପଦକ୍ଷେପ ନାହିଁ। ଶିକାରୀଙ୍କ ଫାଶରେ ବନ୍ୟପ୍ରାଣୀ ଶିକାର ହୋଇ ଚାଲିଥିବାବେଳେ ଖଜୁରିଆ ଜଙ୍ଗଲ, ଦଉ ପୋଖରୀ ଜଙ୍ଗଲ ଓ ଓଡ଼ଗାଁ ରେଞ୍ଜର ବାହାଡାଝୋଲା ଅଞ୍ଚଳରେ ୩ଜଣ ଲୋକ ଫାଶରେ ପଡି ପ୍ରାଣ ହରାଇଥିବାର ନଜିର ରହିଛି। ସେହିଭଳି ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଢ଼ିପିସାହିରେ ମଧ ଗୋଟିଏ ଦନ୍ତାହାତୀର ମୃତ୍ୟୁ ଘଟିଛି।

■ ଗଲାଣି ୩ ମଣିଷ ଓ ଗୋଟିଏ ହାତୀର ଜୀବନ

■ ୭ ବର୍ଷରେ ୧୬୫୦ରୁ ଊର୍ଦ୍ଧ୍ୱ ବାର୍ହା ହେଲେଣି ଶିକାର

■ ବନ୍ୟଜନ୍ତୁ ଶିକାର ପାଇଁ ବସାଯାଉଛି ଫାଶ

■ ଜଙ୍ଗଲର ପାଦଚଲା ରାସ୍ତାରେ ଚାଲିଛି ଶିକାର

ଅଭିଯୋଗ ଅନୁଯାୟୀ, ନୟାଗଡ଼ର ବିଭିନ୍ନ ଜଙ୍ଗଲରେ ବାର୍ହା ବଂଶ ବଢ଼ି ଚାଲିଛି। ଜଙ୍ଗଲରେ ଖାଦ୍ୟ ନ ଥିବାରୁ ବିଭିନ୍ନ ସମୟରେ ବନ୍ୟପ୍ରାଣୀ ଗାଁ ଓ ସହର ମୁହାଁ ହେଉଛନ୍ତି। ତେବେ ଗାଁ ଓ ସହର ଆଖ ପାଖରେ ଥିବା ବିଲରେ ଫସଲ ହେଲେ ନିକଟସ୍ଥ ଜଙ୍ଗଲରୁ ବାର୍ହା ଆସି ଖାଇଥାନ୍ତି। ଏହାର ସୁଯୋଗରେ ଶିକାରମାନେ ବାର୍ହାକୁ ଶିକାର ପାଇଁ ବିଦ୍ୟୁତ୍ ଫାଶ ପକାଉଛନ୍ତି। ଜଙ୍ଗଲର ପାଦଚଲା ରାସ୍ତାରେ ବଦ୍ୟୁତ୍ ପାଶ ପକାଯାଉଛି। ବିଦ୍ୟୁତ୍ ଖୁଣ୍ଟରୁ ହୁକିଂ କରାଯାଇ ବିଦ୍ୟୁତ୍ ଫାଶ ପଡୁଛି। ରଡ ବାଇଡିଂ ଲୁହା ତାର, କାଠ ଖୁଣ୍ଟ ବ୍ୟବହାର କରାଯାଇ ଫାଶ ପଡୁଛି। ଗଣିଆ ବନାଞ୍ଚଳର ଓସ୍ତପଟା ଓ ପାଟିକଟା ଜଙ୍ଗଲ, ମଣିଭଦ୍ରା ଜଙ୍ଗଲ, ସାତପୁରୀ ପାହାଡ, ଛାମୁଣ୍ଡିଆ ବନ୍ୟପ୍ରାଣୀ ରେଞ୍ଜର ରାଇଗାଡିଆ ଜଙ୍ଗଲ, ଚିରିଣି ପାହାଡ଼, ବେଠିଆସାହି ପାହାଡ଼, କିଆଝର ପଞ୍ଚାୟତର ଭଅଁରପଲ୍ଲୀ ଗାଁ ନିକଟସ୍ଥ ସାପୁଆ ସଂରକ୍ଷିତ ଜଙ୍ଗଲ, ଶୁଳିଆ ଜଙ୍ଗଲ, ରତ୍ନମାଳା ଜଙ୍ଗଲ, ଗଡିଆସାହି, ସିଂଘାପଡା, କିଆଝର ଓ ଖଳିସାହି ପଞ୍ଚାୟତରେ କୋଟପୋଖରୀ ଜଙ୍ଗଲିଆ ଅଞ୍ଚଳରେ ରଣପୁରର ବିଭିନ୍ନ ଜଙ୍ଗଲ ପରି ଜିଲାର ବିଭିନ୍ନ ଜଙ୍ଗଲରେ ବିଦ୍ୟୁତ୍ ଫାଶ ପଡୁଛି। ଗତ ବୁଧବାର ରାତିରେ ଭଅଁରପଲ୍ଲୀ ଗାଁ ନିକଟସ୍ଥ ସାପୁଆ ସଂରକ୍ଷିତ ଜଙ୍ଗଲ ପାଦଚଲା ରାସ୍ତାରେ ୧୧ କେଭି ବିଦ୍ୟୁତ୍ ଲାଇନରୁ ହୁକିଂ କରାଯାଇ ୨ଟି ବିଦ୍ୟୁତ୍ ଫାଶ ପଡିଥିଲା। ବାରମ୍ବାର ଲାଇନ କଟିବାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଯାଞ୍ଚ ପରେ ବିଦ୍ୟୁତ୍ ଫାଶ ପଡିଥିବା ଜାଣି ପାରିଥିଲା। ପରେ ଗିରିଡିପଲ୍ଲୀରୁ ଲାଇନ କାଟି ବିଦ୍ୟୁତ୍ ଫାଶ ଜବତ କରାଯିବାକୁ ଚେଷ୍ଟା କରାଯାଇଥିଲା। ଗଡିଆସାହି ଫାଣ୍ଡି ପୋଲିସ ସହାୟତାରେ ବିଦ୍ୟୁତ୍ ବିଭାଗ ୨ଟି ଫାଶ ଜବତ କରିଛି। ହେଲେ କିଏ ଫାଶ ପକାଇଥିଲା ଜଣାପଡିନି।

## ଶିକାର ସୂଚନା ଦିଏ ବିଦ୍ୟୁତ୍ କାଟ୍

ବିଦ୍ୟୁତ୍ ଫାଶରେ ବନ୍ୟଜନ୍ତୁ ଅଥବା ଯେ କେହି ପଡିଲେ ବିଦ୍ୟୁତ୍ କାଟ ହୁଏ। ଶିକାରୀ ହୁକିଂ କାଟି ଶିକାର ନେଇ ଚାଲିଯାଏ। ବିଦ୍ୟୁତ୍ କାଟକୁ ଶିକାରୀ ଅପେକ୍ଷା କରି ରହିଥାଏ। ତେବେ ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ଫାଶ ପଡିଥାଏ ସେଠାକାର ଅଞ୍ଚଳ ରାତି ତମାମ ଅନ୍ଧାରରେ ରୁହେ। କାରଣ ରାତିରେ ଶିକାର ବେଶି ହୁଏ। ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ଫାଶରୁ ଲାଇନ କାଟିବା ପରେ ପୁଣି ଲାଇନ ରହିଥାଏ। ଖଣ୍ଡପଡ଼ା ବ୍ଲକ୍ର ଗଡିଆସାହି, ସିଂଘାପଡା, କିଆଝର ଓ ଖଳିସାହି ପଞ୍ଚାୟତରେ କୋଟପୋଖରୀ ଜଙ୍ଗଲିଆ ଅଞ୍ଚଳରେ ଅଧିକାଂଶ ସମୟରେ ବିଦ୍ୟୁତ୍ ଫାଶ ପଡୁଥିବାରୁ ଏଠାକାର ଗାଁ ଗୁଡିକ ବିଭିନ୍ନ ସମୟରେ ଅନ୍ଧାରରେ ରହୁଛି ବୋଲି ଅଭିଯୋଗ ହୋଇ ଆସୁଛି ।

# ବାର୍ହା ଶିକାରୀଙ୍କ ସଂଖ୍ୟା ବଢୁଛି

ଖଣ୍ଡପଡ଼ା,୬।୬
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପଞ୍ଚାୟତର ଭଅଁରପଲ୍ଲୀ ଓ ଗିରିଡିପଲ୍ଲୀ ଗ୍ରାମରେ ପୁଣି ବାର୍ହା ଶିକାରୀମାନେ ସକ୍ରୀୟ ହୋଇଉଠିଛନ୍ତି। ବୁଧବାର ରାତିରେ ବାର୍ହା ଶିକାର ଉଦ୍ଦେଶ୍ୟରେ ଭଅଁରପଲ୍ଲୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ୧୧କେଭି ତାରରୁ ଚୋରାରେ ସଂଯୋଗ ନେଇ ବିଦ୍ୟୁତ୍ ଫାଶ ବିଛାଇ ଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଓ ଗଡିଆସାହି ଫାଣ୍ଡି ପୋଲିସ ସଦଳବଳେ ସେଠାରେ ଚଢ଼ାଉ କରି ବିଛାଯାଇଥିବା ବିଦ୍ୟୁତ ତାର ଓ



ଜବତ ବିଦ୍ୟୁତ୍ ତାର।

ଆନୁସଙ୍ଗିକ ସାମଗ୍ରୀ ଜବତ କରିଛନ୍ତି। ଅସାମାଜିକ ବ୍ୟକ୍ତିମାନେ ବନ୍ୟଜନ୍ତୁ ଶୀକାର ଉଦ୍ଦେଶ୍ୟରେ ବାରମ୍ବାର ଏଭଳି କାମ କରୁଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗତ କିଛି ଦିନ ତଳେ ଭଅଁରପଲ୍ଲୀ ଗ୍ରାମ ନିକଟରେ ଶୀକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ବନ ବିଭାଗ କର୍ମଚାରୀମାନେ ଜବତ କରିଥିଲେ। ବନ୍ୟଜନ୍ତୁ ଶିକାରରେ ଲିପ୍ତ ଥିବା ଶିକାରୀ ଓ ଅସାମାଜିକ ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ପ୍ରତି ବନ ବିଭାଗ କର୍ମଚାରୀ, ପୋଲିସ ଓ ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଭାରତୀୟ ବିକାଶ ପରିଷଦର ରାଜ୍ୟ ଉପ ସଭାପତି ନିରଞ୍ଜନ ଦାସ ଦାବି କରିଛନ୍ତି । ଏ ସମ୍ପର୍କରେ ଦାସ ନୟାଗଡ଼ ଜିଲାପାଳ, ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରିଛନ୍ତି।

# ବିଜେଡି କର୍ମୀଙ୍କ ମାଡ଼ରେ ଭାଜପା କର୍ମୀ ଆହତ

ନୟାଗଡ଼,୬।୬(ଲୋକନାଥ ମିଶ୍ର)

## ବଡପୁଟ ଛକରେ ନିର୍ବାଚନୀ ପରବର୍ତ୍ତୀ ହିଂସା

ଶରଣକୁଳ ଥାନା ବଡପୁଟ ଛକରେ ଗୁରୁବାର ବିଜେଡି କର୍ମୀଙ୍କ ମାଡ଼ରେ ଭାଜପା କର୍ମୀ ଆହତ ହୋଇଛନ୍ତି । ଆହତ ଦିଲୀପ ସେନାପତି ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଦିଲୀପଙ୍କ ଅଭିଯୋଗ କ୍ରମେ ପୋଲିସ ସନ୍ତୋଷ ପ୍ରଧାନଙ୍କୁ ଅଟକ ରଖ ନୋଟିସ୍ ଦେଇଛି । ଅଭିଯୋଗ ଅନୁସାରେ ପଞ୍ଚରିଡା ଗାଁର ଦିଲୀପ ସେନାପତି ନିଜ ପୁଅ ଝିଅଙ୍କୁ ଧରି ବଡପୁଟ ଛକକୁ ଆସି ଚା ପିଉଥିଲେ । କିଛି ସମୟ ପରେ ସେହି ଗାଁର ସନ୍ତୋଷ ପ୍ରଧାନ ଓ ପଙ୍କଜ ସ୍ୱାଇଁ ଦୋକାନକୁ ଆସି ଭାଜପା କର୍ମୀ ହୋଇ ବଡପୁଟ ଛକକୁ କାହିଁକି ଆସୁଛୁ ବୋଲି ପଚାରିଥିଲେ। ଦିଲୀପ କିଛି କହିବା ପୂର୍ବରୁ ଉଭୟେ ତାଙ୍କୁ ଗାଳି ଗୁଲଜ କରିଥିଲେ । ପରେ ଉଭୟେ ଦିଲୀପଙ୍କୁ ମାରପିଟ୍ କରିଥିଲେ। ଦିଲୀପଙ୍କ ଅଭିଯୋଗ କ୍ରମେ ୧୧୪/୨୪ରେ ମାମଲା ରୁଜୁ ହୋଇଛି। ସେହିପରି ସନ୍ତୋଷ ପ୍ରଧାନଙ୍କ ଅଭିଯୋଗ କ୍ରମେ ଦିଲୀପଙ୍କ ନାମରେ ଅନୁରୂପ ମାମଲା ହୋଇଛି । ନିର୍ବାଚନ ପରେ ହାରଜିତ୍କୁ ନେଇ ବିଭିନ୍ନ ଗାଁରେ ଉତ୍ତେଜନା ବଢ଼ିବାରେ ଲାଗିଛି ।



ଆହତ ଭାଜପା କର୍ମୀଙ୍କୁ ଚିକିତ୍ସା କରାଯାଉଛି।

# ସାଂସଦ, ବିଧାୟକଙ୍କୁ ଭେଟିଲେ ଜନପ୍ରତିନିଧି



ଜନପ୍ରତିନିଧିମାନେ ନବ ନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ସ୍ୱାଗତ କରୁଛନ୍ତି।

ଖଣ୍ଡପଡ଼ା,୬।୬
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରରୁ ଭାଜପା ବିଧାୟକ ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ କଟକ ଲୋକସଭା ଆସନରୁ ଭର୍ତ୍ତୃହରି ମହତାବ ବିଜୟୀ ହୋଇଛନ୍ତି। ଉଭୟ ସାଂସଦ ଓ ବିଧାୟକଙ୍କୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପଞ୍ଚାୟତ ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଓ ସଙ୍ଗଠକ ଗୟାଧର ପରିଡ଼ା, ଅଖିଳ କୁମାର ମହାରଣା, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଶିଖରପୁର, କିଆଝର ଓ ବଡ଼ବାଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନବ କିଶୋର ସାହୁ, ଚନ୍ଦ୍ରକାନ୍ତ ବଳିୟାରସିଂ, ଓ ପ୍ରଦୀପ କୁମାର କର, ଯୁଗଳ କିଶୋର ନାୟକ ପ୍ରମୁଖ ଗୁରୁବାର ଭେଟି ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

# ଅସହାୟ ମହିଳାଙ୍କ ଘର ପୋଡ଼ିଦେଲେ

ଓଡ଼ଗାଁ,୬।୬(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଏନ୍ଏସିର ରାଜ୍ୟ ପରିବହନ ବିଭାଗ ବସ୍ଷ୍ଟାଣ୍ଡ ପଛପଟ ଗାନ୍ଧୀ ନଗର ସାହିରେ ଏକ ଅଘଟଣ ଘଟିଛି। ଘରେ କେହି ନ ଥିଲା ବେଳେ କବାଟରେ ପଡିଥିବା ତାଲା ଭାଙ୍ଗି କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲେ। ଫଳରେ ଘରେ ଥିବା ଲୁଗାପଟା,ବାସନକୁସନ ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ସବୁ ଜଳିଯାଇଛି। ଉକ୍ତ ଘରର ମାଲିକ ରାଧା ଦାସ ସ୍ୱାମୀଙ୍କ ପରଲୋକ ପରେ ଓଡ଼ଗାଁ ଏନଏସି ଅଞ୍ଚଳର କେତେଜଣଙ୍କ ଘରେ କାମ ନିଜ ଗୁଜୁରାଣ ମେଣ୍ଟାଉଥିଲେ। ଗତ କିଛିଦିନ ତଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ସେ ନିଜ ବାପା ଘରକୁ ଯାଇଥିଲେ। ସେଠାରୁ ଫେରିବା ପରେ ଏପରି ଅଘଟଣ ଘଟିଥିଲା । ଏପରି ପରିସ୍ଥିତିରେ ରାଧାଙ୍କୁ ସହାୟତା ପାଇଁ ଦାବି ହେଉଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପକ



@ ରାଜଶ୍ରୀ



@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଣ୍ଡପଡ଼ା ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଖଣ୍ଡପଡ଼ା,୬।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି । ସହରର ମୁଖ୍ୟରାସ୍ତା ପାର୍ଶ୍ୱର ଅଧିକାଂଶ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋପଡିଥିବା ବେଳେ ବର୍ଷା ଜଳ ଓ ଆବର୍ଜନା ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି । ସହରର ବିଭିନ୍ନ ସ୍ଥାନରେ କେଉଁଠି ଡ୍ରେନ ଅଛି ତ ପୁଣି କେଉଁଠି ଆଦୌ ଡ୍ରେନେଜ ବ୍ୟବସ୍ଥା ନାହିଁ। ବର୍ଷ ବର୍ଷ ଧରି ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସାମାନ୍ୟ ବର୍ଷା ହେଲେ ମୁଖ୍ୟ ଓ ଗଳିକନ୍ଦି ରାସ୍ତାରେ ପାଣିର ସୁଅ ଛୁଟୁଛି । ବାରମ୍ବାର ଦାବି ସତ୍ତ୍ୱେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ଖଣ୍ଡପଡ଼ା ସହରାଞ୍ଚଳର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଅନେକ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । ମାତ୍ର ଏନଏସି କର୍ତ୍ତୃପକ୍ଷ ସହରବାସୀଙ୍କ ମୌଳିକ ସମସ୍ୟା ପ୍ରତି ଧ୍ୟାନ ନ ଦେଇ ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ପରିତାପର ବିଷୟ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଆଗକୁ ବର୍ଷାଋତୁ ଆସୁଥିବାରୁ ସହରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁରାତନ ଡ୍ରେନରୁ ପଙ୍କ ଉଦ୍ଧାର ସହ ମୁଖ୍ୟ ରାସ୍ତା ଓ ଗଳିକନ୍ଦି ରାସ୍ତାରେ ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ନୂତନ ଡ୍ରେନ ନିର୍ମାଣ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଏଥିପ୍ରତି ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅଧକ୍ଷା ଦୃଷ୍ଟି ଦେବାଲୁ ଦାବି ହେଉଛି ।

# ମାରପିଟ ନେଇ ମାମଲା ରୁଜୁ

ନୟାଗଡ଼,୬।୬(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଟାଉନ ଥାନା ପୋଲିସ ମାରପିଟ୍ ଘଟଣାରେ ସନ୍ଦୁରିଆର ମୁସ୍ତଫା ମଲିକ(୩୫) ଓ ମିର୍ ରିଆଜ୍ ଦୁଆ(୨୪)ଙ୍କୁ ଗିରଫ କରିଛି । ଉଭୟେ ସିନ୍ଦୁରିଆରେ ଗଣ୍ଡଗୋଳ କରି ଉତ୍ତେଜନା ସୃଷ୍ଟି କରିଥିଲେ । ଉଭୟଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରିଥିଲା । ପରେ ମୁସ୍ତଫା ମଲିକଙ୍କ ଅଭିଯୋଗ କ୍ରମେ ୨୦୨/୨୪ ଓ ମିର୍ ରିଆଜ୍ ଦୁଆଙ୍କ ଅଭିଯୋଗ କ୍ରମେ ୨୦୫/୨୫ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରିଥିଲା ।

# ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡ଼ା,୬।୬
(ଅଜୟ କୁମାର ମହାରଣା)

ଜ୍ୟେଷ୍ଠ ମାସର ଅମାବାସ୍ୟା ତିଥି ସାବିତ୍ରୀ ଅମାବାସ୍ୟା ନାମରେ ଖ୍ୟାତ। ସାବିତ୍ରୀଙ୍କ ସ୍ୱାମୀ ଅନୁରକ୍ତି ତଥା ସମର୍ପିତ ଭାବ ହିଁ ଏହି ବ୍ରତର ଭିତ୍ତିଭୂମି। ଗୁରୁବାର ନୟାଗଡ଼ ଜିଲା ଖଣ୍ଡପଡ଼ା ଓ ଏହାର ଆଖପାଖ ମର୍ଦ୍ଦରାଜପୁର, ବେଣାଗାଡିଆ, ଖଳିସାହି, କୋସକା, ଢୋଲମରା, ସିଧାମୂଳା ଆଦି ଅଞ୍ଚଳର ବିବାହିତା ନାରୀମାନେ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ଗ୍ରାମ ନିକଟସ୍ଥ ବିଭିନ୍ନ ମନ୍ଦିରକୁ ଯାଇଥିଲେ । ଅନେକ ବ୍ରତଧାରୀ ଶୁଦ୍ଧପୁତ ହୋଇ ନୂଆ ଶାଢୀ, ଶଙ୍ଖା ଓ ପୂଜା ସାମଗ୍ରୀମାନ ଧରି ଶୈବ ପୀଠରେ ଭିଡ଼ ଲଗାଇଥିଲେ । ଏହି ବ୍ରତ ମାଧ୍ୟମରେ ସ୍ୱାମୀଙ୍କ ସୁରକ୍ଷା ଓ ମଙ୍ଗଳ କାମନା କରିବାର ପରମ୍ପରା ବହୁ ଦିନରୁ ଚାଲି ଆସିଛି । ସେହିପରି କଣ୍ଟିଲୋ ଅଞ୍ଚଳର ବ୍ରତ ଧାରିଣୀମାନେ ନୂଆ ଶାଢୀ, ଶଙ୍ଖା, ଚୁଡ଼ି, ସିନ୍ଦୁର ପରିଧାନ କରିବା ସହ ବିଭିନ୍ନ ଫଳମୂଳ ଧରି ନୀଳମାଧବ ମନ୍ଦିର ପରିସରରେ ଥିବା ଲକ୍ଷ୍ମୀନାରାୟଣଙ୍କ ପାଖରେ ସମାଗମ ହୋଇ ପୂଜାର୍ଚ୍ଚନା କରିଥିଲେ । ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଆସିଥିବା ଅନେକ ବ୍ରତଧାରିଣୀ, ଏହି ବ୍ରତ କେବଳ ସ୍ୱାମୀଙ୍କ ଦୀର୍ଘ ତଥା ନିରାମୟ ଜୀବନ କାମନା ପାଇଁ ପାଳନ କରୁଛୁ ବୋଲି କହିଛନ୍ତି ।



ମହିଳାମାନେ ସାବିତ୍ରୀ ବ୍ରତ ପୂଜା କରୁଛନ୍ତି।

# ଶରଣକୁଳ ବିଦ୍ୟୁତ୍ ଅଫିସ ଘେରିଲେ ଉପଭୋକ୍ତା

ଶରଣକୁଳ,୬।୬(ଦୀପକ କର)

ଶରଣକୁଳ ବିଦ୍ୟୁତ୍ ବିଭାଗ ସେକ୍ସନ-୨ ଅଧୀନ ଗୋଡିପଲ୍ଲୀ ଏବଂ ଚଡେୟାପଲ୍ଲୀ ଗ୍ରାମର ଶତାଧିକ ଉପଭୋକ୍ତା ଗୁରୁବାର ଶରଣକୁଳ ବିଦ୍ୟୁତ୍ ଅଫିସ ଘେରାଉ କରିଥିଲେ। ୩ ଦିନ ତଳେ ହୋଇଥିବା ଝଡ଼ବର୍ଷାରେ ୪ଟି ଖୁଣ୍ଟ ଭାଙ୍ଗି ଯାଇଥିଲା। ଉଭୟ ଗ୍ରାମର ଉପଭୋକ୍ତା ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଜଣାଇଥିଲେ। ଇତିମଧ୍ୟରେ ୩ଦିନ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଫଳରେ ଉପଭୋକ୍ତାମାନେ ବିଦ୍ୟୁତ୍ ବିନା ବହୁ କଷ୍ଟରେ ଦିନ କାଟିଥିଲେ । ପ୍ରଚଣ୍ଡ ରୌଦ୍ରତାପ ଏବଂ ଅସହ୍ୟ ଗୁଳୁଗୁଳି ଯୋଗୁ ଲୋକମାନଙ୍କ ସହିତ ଶିଶୁ ଓ ରୋଗୀମାନେ କଷ୍ଟ ପାଇଥିଲେ । ଆପତ୍ତି ଅଭିଯୋଗ କରି ନିରାଶ ହେବାପରେ ଉଭୟ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ଶରଣକୁଳ ବିଦ୍ୟୁତ୍ ଅଫିସ ଘେରାଉ କରିଥିଲେ। ଖବର ପାଇ ଶରଣକୁଳ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା । ବିଭାଗୀୟ ଯନ୍ତ୍ରୀ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଆନ୍ଦୋଳନରୁ ଓହରିଥିଲେ।



ଉପଭୋକ୍ତାମାନେ ବିଦ୍ୟୁତ୍ ଅଫିସ ଘେରାଉ କରିଛନ୍ତି।

## ଗୋଠିଣାରେ ୪ ଘରୁ ଚୋରି

ରଘୁନାଥପୁର, ୬।୬ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଥା ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ବରାଗୋଳ ପଞ୍ଚାୟତ ଗୋଠିଣା ଗ୍ରାମର ୪ ଜଣଙ୍କ ଘରୁ ଚୋରି ହୋଇଛି। ବୁଧବାର ବିଳମ୍ବିତରାତିରେ ଉକ୍ତ ଗ୍ରାମର ଆମୋଦ କୁମାର ଦାସ, ଆଶିଷ କୁମାର ସାହୁ, ଅରୁଣ କୁମାର ସାହୁ ଓ ମଣ୍ଟୁ ରାଉତଙ୍କ ଘରୁ ଚୋରି ହୋଇଛି। କୌଣସି ଦୁର୍ବୃତ୍ତ ଆମୋଦଙ୍କ ଘରେ ପଶି ବାକ୍ସରେ ଥିବା ନଗଦ ୩୦ ହଜାର ଟଙ୍କା,୧ ସୁନାମୁଦି ଓ ରୁପା ପାଉଁଜି ଆଦି ଚୋରି କରି ନେଇଥିଲେ। ଏହାପରେ ବାକ୍ସକୁ ବିଲରେ ପକେଇ ଚାଲି ଯାଇଥିଲେ। ସେହିପରି ଆଶିଷଙ୍କ ଘରେ ପଶି ତାଙ୍କ ପ୍ୟାଣ୍ଟ ପକେଟରୁ ୫ ହଜାର ଟଙ୍କା, ଅରୁଣଙ୍କ ଘରୁ ୧ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଏବଂ ମଣ୍ଟୁଙ୍କ ଘରୁ ୪ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗୋଟିଏ ରାତିରେ ସିରିଜ ଚୋରିକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ସନ୍ଧାନୀ କୁକୁର ଆସି ତଦନ୍ତ କରିବ ବୋଲି ଆଇଆଇସି ଗୋକୁଳ ରଞ୍ଜନ ଦାସ କହିଛନ୍ତି।

# କାୟା ବିସ୍ତାର କରୁଛି ବ୍ରାଉନସୁଗାର ର୍ୟାକେଟ୍

### ୨୦୨୪ ସାଧାରଣ ନିର୍ବାଚନ ସୁଯୋଗ ଦେଲା

ଜଗତ୍‌ସିଂହପୁର, ୬।୬ (ପ୍ରମୋଦ କୁମାର ନାୟକ)



୨୦୨୪ ସାଧାରଣ ନିର୍ବାଚନ ମାଦକଦ୍ରବ୍ୟ ତଥା ବ୍ରାଉନସୁଗାର କାରବାରକୁ ବହୁଗୁଣିତ କରି ଦେଇଥିଲା। ରାଜନେତାମାନେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଏହାର ଭରପୂର ବିନିଯୋଗ କରିଥିଲେ। ନିର୍ବାଚନ ସମୟରେ ପୋଲିସ ଓ ପ୍ରଶାସନ ବ୍ୟସ୍ତ ସାଙ୍ଗକୁ ଗାଁ ଗହଳିରେ ପ୍ରଚୁର ମାଦକଦ୍ରବ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ର୍ୟାକେଟ ସକ୍ରିୟ ହୋଇ ଉଠିଥିଲା। ଏବେ ନିର୍ବାଚନ ସରିଥିଲେ ସୁଦ୍ଧା କାରବାର ଆଶାଜନକ କମିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ସଦର ମହକୁମା ସମେତ ସମଗ୍ର ଜିଲାରେ ବ୍ରାଉନ ସୁଗାର କାରବାର ଚିନ୍ତାର କାରଣ ହୋଇଛି। ଏହି ର୍ୟାକେଟ୍ ଯେଉଁଭଳି ଭାବେ କାୟା ବିସ୍ତାର କରି ଚାଲିଛି ତାହା ଅବକାରୀ ବିଭାଗ ଓ ପୋଲିସ ବିଭାଗର ରକ୍ତଚାପ ବଢ଼ାଇ ଦେଉଛି। ପୋଲିସ ଓ ଅବକାରୀ ବିଭାଗ ଅନେକ ସମୟରେ ଚଢ଼ାଉ କରି ଚୋରା ବ୍ରାଉନ୍‌ସୁଗାର ଓ ମଦ ଆଦି ଜବତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ସୁଦ୍ଧା କାରବାର ନିୟନ୍ତ୍ରଣକୁ ଆସିପାରିନାହିଁ। ବଡ କଥା ହେଲା, ବ୍ରାଉନ୍‌ସୁଗାର ଅର୍ଥାତ୍ ଧଳା ଜହର କବଳରେ ବିଶେଷକରି ଯୁବଗୋଷ୍ଠୀ କବଳିତ ହେବାରେ ଲାଗିଛନ୍ତି। ଏହାଦ୍ୱାରା ସେମାନେ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଗତି କରିବା ସହ ମା, ବାପାଙ୍କ ଆଖିରୁ ଲୁହ ବୁହାଇଲେଣି। ଆଗାମୀ ଦିନରେ ଏନେଇ ଜିଲାରେ ଅପରାଧ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି।

ଜଗତ୍‌ସିଂହପୁର ଗୋପାଳସାଗରସ୍ଥିତ ଏକ ପୁରୁଣା ସିନେମା ହଲ୍ ନିକଟରେ ବ୍ରାଉନ୍‌ସୁଗାର କାରବାର ହେବା ଅନେକ ଲୋକ ଜାଣିଛନ୍ତି। ପୋଲିସ ଓ ଅବକାରୀ ବିଭାଗ ମଧ୍ୟ ଏହି ସ୍ଥାନକୁ ଟାର୍ଗେଟ କରି ଚଢ଼ାଉ କରି ବ୍ରାଉନ୍‌ସୁଗାର ଜବତ କରିଛି। ଏକାଧିକ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। କିନ୍ତୁ କାରବାରର ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରିବାରେ ଅବକାରୀ ବିଭାଗ ସଫଳ ହୋଇପାରୁନାହିଁ। କେବଳ ଏହି ଗୋଟିଏ ନୁହେଁ, ସ୍ଥାନୀୟ କଲେଜ ଛକ, କଣ୍ଟାବଲ୍ଲଭପୁର, ସିପି ଆଦି ଏକାଧିକ ସ୍ଥାନରେ ଚୋରା ବ୍ରାଉନ୍‌ସୁଗାର ଓ ମଦ କାରବାର ଚାଲିଛି। ଦୁଃଖର କଥା ହେଲା, ଏହି କାରବାରରେ ଅନେକ ଶିକ୍ଷିତ ଯୁବକ ସାମିଲ ହେଉଛନ୍ତି। ପ୍ରଥମେ ର୍ୟାକେଟ ଶିକ୍ଷିତ ଯୁବକମାନଙ୍କୁ ନିଶା ସେବନ କରାଇବା ପାଇଁ ଜାଲ ବିଛାଉଛନ୍ତି। ଅଭ୍ୟାସରେ ପଡ଼ିଗଲେ ବ୍ଲାକମେଲ କରୁଛନ୍ତି। ଯେହେତୁ ବ୍ରାଉନ୍‌ସୁଗାର ପାଇଁ ଅଧିକ ଟଙ୍କା ଆବଶ୍ୟକତା ଥାଏ ଏତେ ଟଙ୍କା ଘରୁ ପାଇବା ସହଜ ହୋଇ ନ ଥାଏ। ଏନେଇ ର୍ୟାକେଟ ସେମାନଙ୍କୁ ଏହି କାରବାର ପାଇଁ ସୁଯୋଗ ଦେଇଥାଏ। ଯେହେତୁ କାରବାର କଲେ ନିଜ ଆବଶ୍ୟକତା ପୂରଣ କରିବା ସହ କିଛି ଅଧିକ ଅର୍ଥ ରୋଜଗାର ହୁଏ ତେଣୁ ଶିକ୍ଷିତ ଯୁବକମାନେ ଏହି ଅସାଧୁ କାରବାରରେ ସାମିଲ ହୋଇ ଯାଉଛନ୍ତି। ଅଧିକାଂଶ ସମୟରେ ଏହି କାରବାରରେ ସମ୍ପୃକ୍ତ ଯୁବକମାନେ କିଛି ନିର୍ଦ୍ଦିଷ୍ଟ ପ୍ରକାରର କୌଶଳ ଅବଲମ୍ବନ କରିଥାନ୍ତି। ବାଇକ୍‌ରେ କେତେଜଣ ଯୁବକ ବ୍ରାଉନସୁଗାର ଆଣି ଯୋଜନା ଅନୁସାରେ ସ୍ଥିର ହୋଇଥିବା ସ୍ଥାନରେ ପହଞ୍ଚୁଛନ୍ତି। ତା'ପରେ ସେଠାରୁ ଭାଗ ହୋଇ ଅଲଗା ଅଞ୍ଚଳକୁ ଚାଲି ଯାଉଛନ୍ତି। ଯିଏ ଯେଉଁଠି ପହଞ୍ଚୁଛନ୍ତି, ସେଠାରେ ମଧ୍ୟ ତତ୍କାଳ କାରବାର ପାଇଁ ପ୍ରସ୍ତୁତି ହୋଇଯାଉଛି। ଏଭଳି ଭାବେ କାରବାର ଚାଲୁଥିବାରୁ ପୋଲିସ ଓ ଅବକାରୀ ବିଭାଗ ସେମାନଙ୍କୁ ଧରିବାରେ ଶତ ପ୍ରତିଶତ ସଫଳ ହୋଇ ପାରୁନାହିଁ। ଏ ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦୀଲୀପ କୁମାର ପଲେଇ କୁହନ୍ତି, ଏହି କାରବାର ରୋକିବା ପାଇଁ ଉଦ୍ୟମ ଚାଲିଛି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ସୂଚନାଯୋଗ୍ୟ, କାରବାରର ମାଷ୍ଟରମାଇଣ୍ଡ କଟକରୁ ନିୟନ୍ତ୍ରଣ କରୁଛି। ର୍ୟାକେଟ୍‌ର ଚେର ବାଲେଶ୍ୱର, ଖୋର୍ଦ୍ଧା, କଟକ, ଭୁବନେଶ୍ୱର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ପର୍ଯ୍ୟନ୍ତ ଲମ୍ବିଥିବା କୁହାଯାଉଛି।

## ପ୍ଲାଷ୍ଟିକ୍ ମୁକ୍ତ ପାଇଁ ବାର୍ତ୍ତା ବାଣ୍ଟିଲେ



ବିଶ୍ୱ ପରିବେଶ ଦିବସ ଅବସରରେ ସ୍କୁଲ ପରିସରରେ ଚାରା ରୋପଣ କରାଯାଉଛି।

ରାଜନଗର, ୬।୬(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅନ୍ତର୍ଗତ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯିବା ସହିତ ବିଦ୍ୟାଳୟ ପରିସରକୁ ସଫାସୁତୁରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ କସ୍ତୁରୀ ସେଠୀ, ଦୀପକ ନାୟକ, ଓମ୍ ପ୍ରକାଶ ବାରିକ, ଅଶୋକ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ବ୍ୟାପକ ବୃକ୍ଷରୋପଣ କରିବା ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ବାର୍ତ୍ତା ବାଣ୍ଟିଥିଲେ।

## ମାଟ୍ରିକ ବ୍ୟାଚର ବନ୍ଧୁମିଳନ, ରୌପ୍ୟ ଜୟନ୍ତୀ



ବନ୍ଧୁ ମିଳନ ଅବସରରେ ଯୋଗଦେଇଥିବା ପରିବାର ସହ ପୁରାତନ ଛାତ୍ରୀଛାତ୍ର।

ଆଳି ,୬।୬ (ବନମାଳୀ ସେନାପତି)

ଆଳି ବ୍ଲକ ନମୋଜା ଅଞ୍ଚଳରେ ପାଠ ପଢୁଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କର ୧୯୯୪ ବ୍ୟାଚର ବନ୍ଧୁ ମିଳନ ସେହି ବ୍ୟାଚର ୩୦ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ ନୂଆଗାଁ ବେସିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନୋଜ ମଥାନ, ମନୋଜ ବେହେରା ଓ ଦେବଦତ୍ତ ମହାନ୍ତିଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ପୁରାତନ ଛାତ୍ରୀଛାତ୍ରମାନେ ବନ୍ଦନା ଗାନ କରିବା ସହ ଆଳି ଗାନ୍ଧୀ ସହଦେବ ଦାସ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ନିଜ ନିଜର ପରିଚୟ ପ୍ରଦାନ ପୂର୍ବକ ପୁରୁଣା ସ୍ମୃତି ବଖାଣିବା ସହିତ ପରିବେଶଟି ଭାବବିହୋଳ ହୋଇଯାଇଥିଲା। ପରିବାର ସହିତ ଏହି ବନ୍ଧୁମିଳନରେ ସମସ୍ତେ ନିଆରା ଅନୁଭୂତି ସାଉଁଟିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୂଆ ଶୈଳୀର ଖେଳ ଅତ୍ୟନ୍ତ ଆମୋଦ ଦାୟକ ଥିଲା। ଏହି କାର୍ଯ୍ୟକ୍ରମରେ ସଞ୍ଜୀବ ମହାନ୍ତି, ବିଶ୍ୱରଞ୍ଜନ ପାତ୍ର, କୀର୍ତ୍ତନ ମହାନ୍ତି, ରାଜେନ୍ଦ୍ର ପଣ୍ଡା, ରଞ୍ଜିତ ପ୍ରଧାନ, ବିଶ୍ୱରଞ୍ଜନ ପାତ୍ର, ଅମର ମଲ୍ଲିକ, ଦୀପକ ମହାନ୍ତି, ଆଲୋକ ମହାନ୍ତି, ସତ୍ୟ ରଞ୍ଜନ ଦାସ, ବିନତି ଦଳାଇ, ପ୍ରଭାତୀ ଷଣ୍ଢ, ରେଖାରାଣୀ ମହାନ୍ତି, ପ୍ରଭାକର ନାଥ, ରଞ୍ଜୁଲତା ବେହେରା, ଖୁଲଣା ଷଣ୍ଢ, ବିଳାସିନୀ ମହାପାତ୍ର, ଜ୍ୟୋସ୍ନାରାଣୀ ପଣ୍ଡା, ଭାଗ୍ୟବତୀ ସାହୁ, ଜ୍ୟୋସ୍ନାରାଣୀ ସେଠୀ, ଅୟସକାନ୍ତି ଜେନା, ପ୍ରଭାକର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ, ଦେବଦତ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ୨ଥର ଧ୍ରୁବ ସାହୁ ବିଧାୟକ ହେବା ପରେ ଶୁଭେଚ୍ଛା



ବିଜୟୀ ହେବାପରେ ବିଧାୟକ ଧ୍ରୁବ ସାହୁଙ୍କୁ କର୍ମୀମାନେ ଶୁଭେଚ୍ଛା ଜଣାଉଛନ୍ତି।

ରାଜନଗର, ୬।୬ (ଭାସ୍କର ରାଉତରାୟ)

ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ଧ୍ରୁବ ସାହୁ ୨ୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନମଣ୍ଡଳୀର ପୁନର୍ଗଠନ ପରେ କୌଣସି ନେତା ୨ୟ ଥର ପାଇଁ ବିଧାୟକ ହୋଇ ନ ଥିଲେ। ସରକାର ବିରୋଧୀ ହାୱା ସତ୍ତ୍ୱେ ବିଧାୟକ ସାହୁ ୧୮ ହଜାରରୁ ଅଧିକ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀ ଲଳିତ କୁମାର ବେହେରାଙ୍କୁ ହରାଇବା ସହ ନିର୍ବାଚନମଣ୍ଡଳୀରେ ୨୦୦୯ରୁ ଚାଲିଥିବା ଅଲୋଡା ରେକର୍ଡକୁ ଭାଙ୍ଗିଛନ୍ତି। ସାହୁ ବିଧାୟକ ଭାବେ ନିର୍ବାଚିତ ହେବା ପରେ ବିଜେଡି କର୍ମୀ, ସାଧାରଣରେ ଆନନ୍ଦ ଓ ଖୁସିର ଲହରି ଖେଳି ଯାଇଛି। ବିଜେଡି ସରକାରର ପତନ ହୋଇଥିବାରୁ ଓ ରାଜନଗରର ପୁଅ ଅଂଶୁମାନ ମହାନ୍ତି ସାଂସଦ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ହାରି ଯାଇଥିବାରୁ ବିଧାୟକ ସାହୁ ବିଜୟ ଉତ୍ସବ ପାଳନ କରି ନ ଥିଲେ। ହେଲେ ବିଧାୟକଙ୍କ ନିକଟରେ ପହଞ୍ଚି କର୍ମୀ, ସାଧାରଣ ଲୋକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛନ୍ତି। ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଖୁକୁମିନା କୁଅଁର, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ରମେଶ ଚନ୍ଦ୍ର ବେହେରା, ଗୋବର୍ଦ୍ଧନ ପ୍ରଧାନ, ବିଜୟ ନାୟକ, ନରହରି ଜେନା, ଚିତ୍ତରଞ୍ଜନ ଦାସ, ଅରୁଣ ସାହୁ, କୈଳାସ ଚନ୍ଦ୍ର ପରିଡା, ବିଭୂତି ଭୂଷଣ ଜେନା, ପତିତପାବନ ପଣ୍ଡା, କ୍ଷୀରୋଦ କୁମାର ରାଉତ, ଅଶୋକ କୁମାର ମହାନ୍ତି ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ପାରାଦୀପରେ ମହିଳା ଭୋଟରଙ୍କ ସଂଖ୍ୟା କମୁଛି

ପାରାଦୀପ,୬।୬(ଶରତ ରାଉତ)

ପାରଦୀପ ନିର୍ବାଚନମଣ୍ଡଳୀରେ ମହିଳା ଭୋଟରଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବିଶେଷକରି ପାରାଦୀପ ପୌରାଞ୍ଚଳରେ ଏହି ହ୍ରାସ ସଂଖ୍ୟା ଅଧିକ ରହିଛି ବୋଲି ଜଣାପଡ଼ିଛି। ପାରାଦୀପ ନିର୍ବାଚନମଣ୍ଡଳୀରେ ୨୦୨୪ ନିର୍ବାଚନ ସୁଦ୍ଧା ମୋଟ ଭୋଟର ହେଲେ ୨ ଲକ୍ଷ ୨୦ ହଜାର ୩୯୩। ସେଥିରେ ମହିଳା ଭୋଟର ହେଲେ ୧,୦୪,୮୫୪, ପୁରୁଷ ୧,୧୫,୫୦୦ ଓ ଅନ୍ୟ ୩୯। ନିର୍ବାଚନରେ ୧,୬୩,୫୭୦ ମତଦାନ କରିଛନ୍ତି। ଏହି ଅନୁସାରେ ନିର୍ବାଚନରେ ୭୪.୨୨ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନ ମଣ୍ଡଳୀ ମଧ୍ୟରେ ପାରାଦୀପ ପୌରପରିଷଦ, କୁଜଙ୍ଗ ବ୍ଲକର ୨୮ ପଞ୍ଚାୟତ ଓ ତିର୍ତ୍ତୋଲ ବ୍ଲକର ୮ ପଞ୍ଚାୟତ ରହିଛି।

ପୌରପରିଷଦ ଭୋଟର ସଂଖ୍ୟା ୪୩,୭୯୯ ଥିଲାବେଳେ ମହିଳା ଭୋଟର ୧୯, ୫୩୬ ପୁରୁଷ ୨୪,୨୩୮ ଓ ଅନ୍ୟ ୨୫ ଜଣ ଅଛନ୍ତି। ୨୪,୭୬୯ ଜଣ ମତଦାନ କରିଛନ୍ତି, ଅର୍ଥାତ୍ ୫୬.୫୫ ପ୍ରତିଶତ ଭୋଟ ହୋଇଛି। ଅନ୍ୟ ବ୍ଲକ ତୁଳନାରେ ଏଠାରେ କମ୍ ପ୍ରତିଶତ ମତଦାନ ହୋଇଛି। ଏଠାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ୪୭୦୨ କମ୍ ରହିଛି। ସେହିପରି ମତଦାନ କରିଥିବା ମହିଳାଙ୍କ ସଂଖ୍ୟା ମଧ୍ୟ କମ୍ ରହିଛି। ସେମାନଙ୍କ ସଂଖ୍ୟା ପୁରୁଷଙ୍କ ଠାରୁ ୨୦୧୭ କମ୍ ରହିଛି। ଅପରପକ୍ଷେ କୁଜଙ୍ଗ ବ୍ଲକରେ ୭୭.୮ ପ୍ରତିଶତ ମତଦାନ ହୋଇଥିବା ବେଳେ ତିର୍ତ୍ତୋଲ ବ୍ଲକର ୮ ପଞ୍ଚାୟତରେ ୭୧.୫ପ୍ରତିଶତ ମତଦାନ ହୋଇଛି। ସରକାରୀ ଭାବେ ମହିଳା ଓ ପୁରୁଷଙ୍କ ସମାନ ଅଧିକାର ଥିବା କୁହାଯାଉଥିବାବେଳେ ଏବେବି ମହିଳା ହାର ପୁରୁଷ ତୁଳନାରେ କମ୍ ରହୁଛି।



ଜାହାଜରେ ଆସିଥିବା ଏକ କମ୍ପାନୀର ବୃହତ୍ ଉପକରଣଗୁଡ଼ିକୁ ପାରାଦୀପ ବନ୍ଦରରେ ଖଲାସ କରାଯାଇ ଅନୁଗୋଳ ଯିବା ପାଇଁ ଗାଡ଼ିରେ ରଖାଯାଇଛି।

## ବିପ୍ଳବୀ ନେତା ରାଜେନ୍ଦ୍ରଙ୍କ ସ୍ମୃତିସଭା

ପଟ୍ଟାମୁଣ୍ଡାଇ, ୬।୬ (ଅକ୍ଷୟ ବିଶ୍ୱାଳ)

ବିପ୍ଳବୀ ନେତା, ପ୍ରାକ୍ତନ ଓଡ଼ିଶା ଅଣଗେଜେଟେଡ କର୍ମଚାରୀ ୟୁନିୟନର ସମ୍ପାଦକ ତଥା ବି.ଏମ୍. ହାଇସ୍କୁଲ ଅଠରବାଟିଆର ପ୍ରତିଷ୍ଠାତା ରାଜେନ୍ଦ୍ର ରାଉତଙ୍କ ୪୨ତମ ସ୍ମୃତିସଭା ହାଇସ୍କୁଲଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସ୍ମୃତି କମିଟିର ସମ୍ପାଦକ କବି ରାମକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ମିଶ୍ର, ଅନିଲ ଚୌଧୁରୀ, ଶ୍ରୀବତ୍ସ ସେଠୀ, ପ୍ରତାପ କେଶରୀ ରାଉତ, ବିଷ୍ଣୁ ବେହେରା, ସଂଗ୍ରାମ ରାଉତ, ପ୍ରେମାନନ୍ଦ ଗିରି ଓ ଉପେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଅପରାହ୍ନରେ ଆଶୁତୋଷ ମଣ୍ଡପଠାରେ ରାଜେନ୍ଦ୍ର ରାଉତ ଲାଇବ୍ରେରୀ ପକ୍ଷରୁ ମଧ୍ୟ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସର୍ବେଶ୍ୱର ବାରିକ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ରାମକୃଷ୍ଣ ଦାଶ, ଶୈଳ ମହାନ୍ତି, କିଶୋର ରାୟ, ଜୟପ୍ରକାଶ ଗିରଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ବକ୍ତା ସଭାରେ ଯୋଗଦେଇ ରାଉତଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ଆସନ୍ତା ବର୍ଷ ରାଉତଙ୍କ ଜୀବନୀ ଉପରେ ଏକ ସ୍ମରଣିକା ପ୍ରକାଶ କରିବାକୁ ସ୍ଥିର କରାଯାଇଥିଲା। ଶେଷରେ ଯଦୁନାଥ ଦାସ ଧନ୍ୟବାଦ ଦେଇଥିଲେ।

## ନୂଆ ମହାକାଳପଡ଼ା ଗଠନ ହେବ: ଦୁର୍ଗା ପ୍ରସନ୍ନ

### ମା'ରାମଚଣ୍ଡୀଙ୍କୁ ଦର୍ଶନ କଲେ ନୂଆ ବିଧାୟକ

ମହାକାଳପଡ଼ା,୬।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଚଳିତ ସାଧାରଣ ନିର୍ବାଚନରେ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ବିଜୟ ହୋଇଛନ୍ତି । ଏହି ଅବସରରେ ବୁଧବାର ଭାଜପା ପକ୍ଷରୁ ଏକ ବିଜୟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ସେହି ଶୋଭାଯାତ୍ରାରେ ବିଧାୟକ ଦୁର୍ଗାପ୍ରସନ୍ନ ଆସି ମା'ରାମଚଣ୍ଡୀଙ୍କୁ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥିଲେ। ଏହି ଅବସରରେ ଦଳୀୟ ଶୁଭେଚ୍ଛୁମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ନାୟକ କହିଛନ୍ତି, ଏହି ବିଜୟ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀବାସୀଙ୍କ ବିଜୟ। ସେଥିପାଇଁ ମୁଁ ସମସ୍ତ ପରିବାର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛି। ମାଟିର ପୁଅକୁ ଆଶୀର୍ବାଦ ଦେଇ ଥିବାରୁ ସମସ୍ତଙ୍କ ପାଖରେ ମୁଁ ଋଣୀ । ଆଗାମୀ ଦିନରେ ନୂଆ ମହାକାଳପଡ଼ା ଗଠନ ହେବ।



ନବ ନିର୍ବାଚିତ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମା'ରାମଚଣ୍ଡୀ ମନ୍ଦିର ଦର୍ଶନ କରି ଫେରୁଛନ୍ତି।

ଲୋକମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ମୋର ଉଦ୍ୟମ ଜାରି ରହିବ।

ପ୍ରତି ଗାଁକୁ ଯାଇ ମୁଁ ଲୋକଙ୍କ ଦୁଃଖସୁଖ ବୁଝିବି ବୋଲି ସେ କହିଛନ୍ତି। ଏହି ଅଞ୍ଚଳର ବଙ୍ଗୀୟ ଭାଇମାନଙ୍କ ଜମି ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଦଳୀୟ ସମର୍ଥକମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଦୁର୍ଗାପ୍ରସନ୍ନ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ୩୩ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନ ପରାସ୍ତ କରିଛନ୍ତି।

## ୧୦ରେ ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ, ଶିବ ବିବାହ

ରାଜନଗର, ୬।୬(ଭାସ୍କର ରାଉତରାୟ)

ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ରାଜନଗର ବ୍ଲକର ଶ୍ରୀ ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ପାଇଁ ଗୋସିଗାଁ ଉତ୍ସବମୁଖର ହୋଇ ଉଠିଛି। ଅଞ୍ଚଳର ଏହା ଏକ ବଡ଼ ପର୍ବ ହୋଇଥିବାରୁ ଗୋସିଗାଁ ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନେ ବିଦେଶରୁ ଫେରିବାରେ ଲାଗିଛନ୍ତି। ବୁଧବାର ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କମିଟିର ଉପସଭାପତି ବୀର କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀ ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କ ୨୦ତମ ସହସ୍ର କୁମ୍ଭାଭିଷେକ, ଗୀତାଯଜ୍ଞ ଓ ଶିବ ବିବାହୋତ୍ସବର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହସ୍ର କୁମ୍ଭାଭିଷେକର କର୍ତ୍ତା ରୂପେ ରାଜନଗର ବିଧାୟକ ଧ୍ରୁବ ସାହୁ ସପତ୍ନିକ ଦେବନୀତି ସମ୍ପନ୍ନ କରିବେ। ସେହିପରି ଯଜ୍ଞକର୍ତ୍ତା ଭାବେ ସତ୍ୟଜିତ ପାତ୍ର ଏବଂ ସ୍ତ୍ରୀ ସୌଭାଗିନୀ ଜେନା, ଶିବ ବିବାହ ଉତ୍ସବ ନିମନ୍ତେ ବାବା ଶ୍ରୀଗର୍ତ୍ତେଶ୍ୱରଙ୍କ ପିତା ରୂପେ ସାନବଡଗୋପାଳପୁର ନୁରୁଗାଁର ସମୀର କୁମାର ସାହୁ, ଗୀତାଞ୍ଜଳି ସାହୁ ଏବଂ କନ୍ୟାପିତା ଭାବେ ଗୋସିଗାଁର ଶ୍ୟାମସୁନ୍ଦର ରାଉତ, ବିଦ୍ୟୁଲତା ଜେନା ବିଧି ଅନୁସାରେ ସମସ୍ତ ଦାୟିତ୍ୱ ନିର୍ବାହ କରିବେ। ୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୬ ଜୁନରେ ଅଙ୍କୁରାରୋପଣ, ୭ ଜୁନରେ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଯାତ୍ରା, ୮ଜୁନରେ ସୂର୍ଯ୍ୟପୂଜା, ଗୋମାତା ପୂଜା, ଯଜ୍ଞାଗ୍ନି ସ୍ଥାପନ ଏବଂ ବାବା ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କର ସହସ୍ର କୁମ୍ଭାଭିଷେକ, ୯ ତାରିଖରେ ସୂର୍ଯ୍ୟପୂଜା, ଗୋମାତା ପୂଜା ଏବଂ ଶ୍ରୀମଦ୍ ଗୀତାଯଜ୍ଞ ଅନୁଷ୍ଠିତ ହେବ। ୧୦ ତାରିଖରେ ବାବା ଶ୍ରୀଗର୍ତ୍ତେଶ୍ୱର ବରଯାତ୍ରୀ ଏବଂ ବାଜା ବାଣ ରୋଶଣି ସହ ନଗର ପରିକ୍ରମା କରିବା ପରେ ମନ୍ଦିର ପ୍ରାଙ୍ଗଣରେ ବିବାହ ଉତ୍ସବ ଅନୁଷ୍ଠିତ ହେବା ସହ ଶିବ ସହସ୍ରନାମ ଏବଂ ଗୀତାଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ। ନଗର ପରିକ୍ରମା ସମୟରେ ଡିଜେ ସାଉଣ୍ଡକୁ



### ଉତ୍ସବମୁଖର ଗୋସିଗାଁ

ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ପାରମ୍ପରିକ ବାଦ୍ୟ, ଘଣ୍ଟ ପାଟୁଆ ଏବଂ ସଂକୀର୍ତ୍ତନ ମଣ୍ଡଳୀ ସହ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଏବଂ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ କମିଟିର ସମ୍ପାଦକ ଚନ୍ଦ୍ରମଣି ରାଉତ, ଗାଁ ମୁରବି ମହେଶ୍ୱର ବିଶ୍ୱାଳ, ଶ୍ରୀଗର୍ତ୍ତେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ଗଣେଶ ପ୍ରସାଦ ରାଉତ, ପଞ୍ଚାନନ ପ୍ରଧାନ, ସର୍ବେଶ୍ୱର ମହାନ୍ତି, ଅନନ୍ତ କିଶୋର ରାଉତ, ଦାମୋଦର ସ୍ୱାଇଁ, ବଲ୍ଲଭ କୁମାର ବଳ, ଶୈଳେନ୍ଦ୍ର କୁମାର ସ୍ୱାଇଁ, ଆକୁଳି ଚରଣ ରାଉତ, ଅଭିରାମ ପ୍ରଧାନ, କ୍ଷୀରୋଦ ରାଉତ, ରଞ୍ଜନ କୁମାର ପାତ୍ରୀ, ନୃସିଂହ ସାହୁ, ଦୟାନିଧି ରାଉତ, ବିଦ୍ୟୁ ଭୂଷଣ ବିଶ୍ୱାଳ, ଶୈଳେନ୍ଦ୍ର ବିଶ୍ୱାଳ, ଗିରିଧାରୀ ରାଉତ, ଶଙ୍କର୍ଷଣ ସାହୁ, ମହିମା ସାହୁ, ସୁଜିତ କୁମାର ରାଉତ ସମେତ ସମସ୍ତ ସଭ୍ୟଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

**କାଳିଆପାଣି,୬।୬(ଅସିତ ମହାନ୍ତ):**

କାଳିଆପାଣି ଥାନା ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅରଡ଼ାପାଳ ବିଟସାହି ଗାଁରେ ପାରିବାରିକ କଳହରୁ ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଗ୍ରାମର ଜମାଦାର ହାଁସଦାଙ୍କ ପ୍ରଥମ ସ୍ତ୍ରୀ ଝୁମୁରି ହାଁସଦା(୨୫)। ବୁଧବାର ରାତିରେ ଜମାଦାରଙ୍କ ସହ ଝୁମୁରିଙ୍କ ଝଗଡ଼ା ହୋଇଥିଲା। ଫଳରେ ଜମାଦାର ତାଙ୍କ ୨ୟ ସ୍ତ୍ରୀ ଓ ୨ ପିଲାଙ୍କୁ ନେଇ ଘରୁ ଚାଲି ଯାଇଥିଲେ। ଝୁମୁରି ତାଙ୍କ ପୁଅ ଓ ଝିଅଙ୍କୁ ନେଇ ସୋଇଥିଲା। ପିଲାମାନେ ସୋଇ ପଡ଼ିବା ପରେ ଝୁମୁରୀ ଏକ ରଶି ବେକରେ ବାନ୍ଧି ଝୁଲି ପଡ଼ିଥିଲେ। ସକାଳେ ଏକଥା ଜଣାପଡ଼ିବା ପରେ ଗାଁ ଲୋକେ ଜମାଦାରଙ୍କୁ ଖବର ଦେଇଥିଲେ। ଜମାଦାର ଆସି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଥିଲା। ଏନେଇ ଥାନାରେ ଏକ ମାମଲା ନଂ.୮୭।୨୪ ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ବାଲେଶ୍ୱର,୬।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମରେ ଗୁରୁବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମନୋଜ କୁମାର ରାଉତ। ସାବିତ୍ରୀ ବ୍ରତ ଦିନ ଏଭଳି ଅଘଟଣକୁ ନେଇ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ସମୟରେ ମନୋଜ ଦାନ୍ତକାଠି କାଟିବାକୁ ଯାଇଥିଲା ବେଳେ ନିକଟସ୍ଥ ଫୁଲ ଗଛ ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରେମୁଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ପାଣିଖାଲରେ ପଡ଼ି ଶିଶୁ ମୃତ

**ଖଇରା,୬।୬(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଥାନା ମାଖନପୁର ପଞ୍ଚାୟତ ବରଗିଡି ଗ୍ରାମରେ ଏକ ପାଣିଖାଲରେ ପଡ଼ି ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତ ଶିଶୁପୁତ୍ର ଜଣକ ହେଲେ ଅରୁଣ ଦାସଙ୍କର ପୁଅ। ଅରୁଣ ଦାଦନ ଖଟିବାକୁ ବାହାରକୁ ଯାଇଥିବା ବେଳେ ମା' ୪ ପିଲାଙ୍କ ଦାୟିତ୍ୱ ବୁଝାଶୁଝା କରନ୍ତି। ଗୁରୁବାର ସକାଳେ ପିଲାଟି ଖେଳୁଥିବା ବେଳେ କେଉଁଆଡେ ଚାଲି ଯାଇଥିଲା। ଖୋଜାଖୋଜି ପରେ ଘରଠାରୁ କିଛି ଦୂରରେ ଥିବା ପାଣିଖାଲରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲ(ନଂ.୧୦/୨୪) ରୁଜୁ ହୋଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ କାର୍ଯ୍ୟ ମନ୍ଥର

**ବଡ଼ଚଣା,୬।୬(ଦିଲୀପ କୁମାର ମହାନ୍ତି):**

ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହାଠାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ ଚାଲିଛି। ହେଲେ ଏହି କାର୍ଯ୍ୟ ମନ୍ଥର ହୋଇଛି। ୭୫ ଏକର ଜମିରେ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ୨୦୧୭ ଜୁଲାଇ ୩୧ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୫ ବର୍ଷ ମଧ୍ୟରେ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯାଇ ଶିକ୍ଷାଦାନ କରାଯିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ସରିନାହିଁ। କ୍ୟାମ୍ପସ ପରିସର ମଧ୍ୟରେ ଛାତ୍ରାବାସ, ଛାତ୍ରୀ ନିବାସ କାର୍ଯ୍ୟ ସରିଥିଲେ ମଧ୍ୟ ଶିକ୍ଷାଦାନ ଗୃହ ନିର୍ମାଣ ଏପର୍ଯ୍ୟନ୍ତ ସରି ପାରୁନାହିଁ। ୨ ଜଣ ଠିକାଦାର ଏହାର କାର୍ଯ୍ୟ କରିଥିଲେ ମଧ୍ୟ ଛାତ୍ରାବାସଟି ବ୍ୟବହାର ଉପଯୋଗୀ ନ ହେବାରୁ ସେଠାରେ ଗଛାଲତା ମାଡ଼ି ଭୂତକୋଠି ସଦୃଶ ଦୃଶ୍ୟମାନ ହେଉଛି। କ୍ୟାମ୍ପସ ପରିସରରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି।


ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ କାର୍ଯ୍ୟ ଚାଲିଛି।

ସେହିପରି ଠିକାଦାରଙ୍କୁ ମୋଟା ଅଙ୍କର ଚାନ୍ଦା ମାଗିବା, ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଇଟା, ବାଲି ଓ ଚିପ୍ସକୁ ସ୍ଥାନୀୟ କେତେଜଣ ଯୁବକ ଜୋର ଜବରଦସ୍ତ ଯୋଗାଣ କରିବା ପାଇଁ ଠିକାଦାରଙ୍କ ଉପରେ ଚାପ ସୃଷ୍ଟି କରିବା ଏବଂ ସ୍ଥାନୀୟ ଯୁବକଙ୍କୁ ସେଠାରେ ନିଯୁକ୍ତି ଦେବାକୁ ନେଇ ବହୁ ସମୟରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଫଳରେ ନିର୍ମାଣ କାର୍ଯ୍ୟରେ ବାରମ୍ବାର ବିଳମ୍ବ ହେଉଛି। କାର୍ଯ୍ୟ ଦାୟିତ୍ୱରେ ଥିବା ବାହାର ଠିକାଦାର ଏନେଇ ପୋଲିସକୁ ଜଣାଇଲେ ବି କୌଣସି ସୁଫଳ ମିଳୁନାହିଁ। କାର୍ଯ୍ୟର ମନ୍ଥରତା ପାଇଁ ଯେଉଁ କାର୍ଯ୍ୟଗୁଡ଼ିକ ସରିଯାଇଥିଲା ସେଗୁଡ଼ିକ ପୁଣିଥରେ ଭାଙ୍ଗିରୁଜି ଗଲାଣି। ତେଣୁ ତୁରନ୍ତ ଏହି କାର୍ଯ୍ୟ ସାରିବା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ନବନିର୍ବାଚିତ କୋରେଇ ବିଧାୟକଙ୍କୁ ଶୁଭେଚ୍ଛା


ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତା କୋରେଇର ନବନିର୍ବାଚିତ ବିଧାୟକ ଆକାଶ ଦାସନାୟକଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**ଯାଜପୁରରୋଡ୍,୬।୬ (ପବିତ୍ର ରଞ୍ଜନ ମହାନ୍ତି):**

ନବନିର୍ବାଚିତ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଯାଜପୁର ଜିଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଜିଲା ସାଧାରଣ ସମ୍ପାଦକ ପୀତବାସ ଭୂୟାଁ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଉପସଭାପତି ପବିତ୍ର ରଞ୍ଜନ ମହାନ୍ତି, ଶୃଙ୍ଖଳା କମିଟି ଅଧ୍ୟକ୍ଷ ରବି ନାରାୟଣ କର, କାର୍ଯ୍ୟକାରୀ ସମ୍ପାଦକ ଶୁଭାଶିଷ ରାଉତ, ବରିଷ୍ଠ କାର୍ଯ୍ୟକର୍ତ୍ତା ଦୁଷ୍ମନ୍ତ ଘଡ଼ାଇ, ଯତିଶ ମଲିକ, ସତ୍ୟବ୍ରତ ନାୟକ ଓ ଜ୍ୟୋତି ପ୍ରକାଶ ଭୂୟାଁ ପ୍ରମୁଖ ଗୁରୁବାର ପୂର୍ବାହ୍ନରେ ବିଧାୟକଙ୍କ ବ୍ୟାସନଗରସ୍ଥିତ ବାସଗୃହଠାରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଖବରଦାତାଙ୍କ ସମସ୍ୟା ଓ ସୁଖ ଦୁଃଖରେ ସବୁବେଳେ ରହିବେ ବୋଲି ଆକାଶ ପ୍ରତିଶ୍ରୁତି ଦେଇଛନ୍ତି।

### ଅଜଗର, ନାଗ ଉଦ୍ଧାର



**ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ସୋର(ଜନ୍ମେଜୟ ମିଶ୍ର),୬।୬**

ବାଲେଶ୍ୱର ଜିଲା ନୀଳଗିରି ଓ ସୋର ବ୍ଲକ ଅଞ୍ଚଳରୁ ଅଜଗର ଏବଂ ନାଗ ସାପ ଉଦ୍ଧାର ହୋଇଛି। ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ଅଧୀନ କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଥିବା ଶିଆଡ଼ିମାଳ ଗାଁ ଭିତରକୁ ୧୨ ଫୁଟ ଲମ୍ବର ଅଜଗର ପଶି ଆସିଥିଲା। ଗ୍ରାମର ଚନ୍ଦ୍ରମୋହନ ସିଂଙ୍କ ବାଡ଼ିରେ ଅଜଗର ରହିଥିଲା। ସେହି ଗ୍ରାମର ଶିକ୍ଷକ ସୁନୀଲ ସିଂ ଅଜଗରକୁ ଧରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ିଥିଲେ। ସେହିପରି ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମର ମାଛୁଆ ସିଂଙ୍କ ଘରୁ ଏକ ନାଗ ସାପ ଉଦ୍ଧାର ହୋଇଛି। ସ୍ଥାନୀୟ ସାପ ଧରାଳି ସଗାର ସିଂ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଦେବଗିରି ପାହାଡ଼ ପାଦଦେଶ ଜଙ୍ଗଲରେ ଛାଡିଥିବା ସୂଚନା ମିଳିଛି।

### ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା, ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲା

**ପାଟଣା,୬।୬(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ସାହାରପଡ଼ା ଓ ପାଟଣା ବ୍ଲକ୍ ଅଞ୍ଚଳରେ ଗୁରୁବାର କାଳ ବୈଶାଖୀ ତାଣ୍ଡବ ରଚିଛି। ଘନ ଘନ ବଜ୍ରପାତ ସହ ପବନ ବର୍ଷା ହୋଇଥିଲା। କାଳ ବୈଶାଖୀ ପ୍ରଭାବରେ ପାଟଣା ବ୍ଲକ୍ ଅଞ୍ଚଳରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ବେଳେ ସାହାରପଡ଼ାରେ ବ୍ୟାପକ କ୍ଷତି ହୋଇଛି। ମଲାରପଦା ପଞ୍ଚାୟତ ବାଲିପଶି ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଛପର ଉଡିଯିବା ସହ ଅନେକ ଗଛ ଉପୁଡ଼ି ଯାଇଛି। ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ଉପରେ ବିରାଟ ଗଛ ଡାଳ ପଡିଯିବାରୁ ଅଙ୍ଗନବାଡି କେନ୍ଦ୍ର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଗ୍ରାମର ଧୀରେନ ନାଏକ, ସଙ୍କରି ନାଏକ, ଭାବଗ୍ରାହୀ ନାଏକ, ଯୁଧିଷ୍ଠିର ନାଏକ, ପରମେଶ୍ୱର ପାତ୍ର, ନରୋତ୍ତମ ପାତ୍ର ଟିକ ବେହେରାଙ୍କ ସମେତ ଅନେକଙ୍କ ଘରର ଛପର ଉଡି ଯାଇଛି। ସେହିପରି ବିଲା ଚଢେଇଭୋଳ ରାସ୍ତା ଉପରେ ଗଛ ପଡ଼ିଥିବାରୁ ଉକ୍ତ ରାସ୍ତାରେ ଗମନାଗମନ ସହ ଗାଡି ଚଳାଚଳ ବ୍ୟାହତ ହୋଇଛି। ଏଥିସହ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଉପୁଡି ପଡ଼ିଥିବାରୁ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଘଟଣାସ୍ଥଳରେ ଆହାରପଡା ଅଗ୍ନିଶମ ବାହିନୀ ପହଁଞ୍ଚି ଘର ଉପରେ ପଡିଥିବା ଗଛକୁ କାଟି ରାସ୍ତା ସଫା କାର୍ଯ୍ୟ ଜାରି ରଖିଛି। ଏନେଇ ସାହାରପଡ଼ା ତହସିଲଦାର ପରମା ନନ୍ଦ ଖଣ୍ଡେଇ କହିଛନ୍ତି। ଆରଆଇମାନଙ୍କୁ ରିପୋର୍ଟ ମଗାଯାଇଛି କ୍ଷୟ କ୍ଷତି ଆକଳନ ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ।

# ୨ ଟ୍ରକ୍ ମୁହାଁମୁହିଁ ଧକ୍କା: ଜଣେ ଚାଳକ ମୃତ

**ପାଣିକୋଇଲି,୬।୬(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନାର ଅନତୀ ଦୂରରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଗୋଟିଏ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଚାଳକ ଗୁରୁତର ହୋଇଛନ୍ତି। ଅଗ୍ନିଶମ ବାହିନୀର ପ୍ରଚେଷ୍ଟା ଫଳରେ ଘଣ୍ଟାଏ ପରେ ମୃତଦେହ ଉଦ୍ଧାର କରାଯାଇଛି। ଏହି ଦୁର୍ଘଟଣା ପାଇଁ ସାରା ରାତି ୧୬ନମ୍ବର ଜାତୀୟ ରାଜପଥ ଜାମ ହୋଇଥିବାବେଳେ ପୋଲିସକୁ ନାକେଦମ ହେବାକୁ ପଡ଼ିଛି। ମୃତ ଚାଳକଙ୍କ ପରିଚୟ ମିଳି ପାରିନାହିଁ।

ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥ ପୋଲ ମରାମତି କାମ ଦୀର୍ଘ ମାସ ହେବ ଚାଲୁରହିଥିବାରୁ ରାଜପଥର ଗୋଟିଏ ପାର୍ଶ୍ୱ ବନ୍ଦ କରିଦିଆଯାଇଛି। ଫଳରେ ଉଭୟ ପଟର ଗାଡ଼ି ଗୋଟିଏ ପଟେ ଯାତାୟାତ କରୁଛି। ବୁଧବାର ରାତି ପ୍ରାୟ ୧୨ଟାରେ ଭଦ୍ରକ ପଟୁ ଏକ ମକା ବୋଝେଇ ଟ୍ରକ୍(ଟିଏନ୍୫୨ଏଏ୬୫୮୯)କଟକ ଅଭିମୁଖେ ଆସୁଥିବାବେଳେ ପାଣିକୋଇଲି ପଟୁ ଭଦ୍ରକ ପଟକୁ ଯାଉଥିବା ଟ୍ରକ(ଓଡି୦୯ଏଏ୭୫୧୯) ଅନ୍ୟ ଏକ ଟ୍ରକକୁ ଅତିକ୍ରମ କରି ହଠାତ ସାମ୍ନାକୁ ମାଡ଼ି ଆସିଥିଲା। ଫଳରେ ଦୁଇଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା। ଯଦ୍ୱାରା ତାମିଲନାଡୁ ଗାଡ଼ିର ଚାଳକ ଟ୍ରକ୍‌ରେ ଚାପି ହୋଇ ମୃତ୍ୟୁବରଣ କରିଥିବାବେଳେ ଓଡ଼ିଶା ଗାଡିର ଚାଳକ ଗୁରୁତର ହୋଇଥିଲେ। ପରେ ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ରାସ୍ତାରୁ ହଟାଇବା ପରେ ଅନ୍ୟ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସେତେବେଳକୁ ସକାଳ ହୋଇଯାଇଥିଲା।

### ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ସ୍ମୃତିରେଖାଙ୍କ କୃତିତ୍ୱ

**ବରୀ,୬।୬(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ ଅଧୀନ ରମ୍ଭା ପଞ୍ଚାୟତ ହୃଷିସାହିର ସ୍ମୃତିରେଖା ବେହେରା ସର୍ବଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ୬୩୪ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ କବିରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ମାଟ୍ରିକରେ ୫୧୫ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଯାଜପୁରସ୍ଥିତ ପ୍ରୟାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ରେ ୫୫୭ ନମ୍ବର ରଖି ସଂରକ୍ଷିତ ବର୍ଗରେ ବିଜ୍ଞାନରେ ରାଜ୍ୟ ଟପ୍ପର ହୋଇ ମୁଖ୍ୟମନ୍ତ୍ରୀଙ୍କଠାରୁ ସମ୍ମାନିତ ହୋଇଥିଲେ। ସ୍ମୃତିରେଖା ବରୀ ବ୍ଲକ ଅଞ୍ଚଳର ଖବରଦାତା ସଞ୍ଜୟ କୁମାର ବେହେରା ଓ ରଶ୍ମିରେଖା ବେହେରାଙ୍କ ଜ୍ୟେଷ୍ଠ କନ୍ୟା। ତାଙ୍କର ଏହି ସଫଳତା ପଛରେ ବାପାମା', ଶିକ୍ଷୟିତ୍ରୀଶିକ୍ଷକ ଓ ଗୁରୁଜନମାନଙ୍କ ଆଶୀର୍ବାଦ ରହିଛି ବୋଲି ସ୍ମୃତିରେଖା କହିଛନ୍ତି।



### ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରହ୍ମବରଦା,୬।୬(ଯଯାତି କେଶରୀ ବେହେରା):**

ଯାଜପୁର ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଜଗତପୁର ଓ ପଦନା ଗ୍ରାମ ମଧ୍ୟସ୍ଥଳରେ ବୁଧବାର ରାତିରେ ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଫଳରେ ସେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଖବରଦାତା ହେଲେ ବ୍ରହ୍ମବରଦା ଥାନା ଅଧୀନ ରାଉତରାପୁର ଗ୍ରାମର ଚିନ୍ତାମଣି ପୃଷ୍ଟି। ସେ ରାତିରେ ବେରୁଦା ଗ୍ରାମରୁ ଏକ ଖବର ସଂଗ୍ରହ କରି ଘରକୁ ଫେରୁଥିବାବେଳେ କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ବନ୍ଧୁକ ଦେଖାଇ ଡରାଇ ଧମକାଇବା ସହ ତାଙ୍କ ସୁନା ଚେନ ଓ ନଗଦ ଟଙ୍କା ଛଡେଇ ନେଇଥିଲେ। ପରେ ତଳେ ପକାଇ ଏକ ଲୁହା ରଡରେ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଥିଲେ। ଏହାପରେ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସମ୍ପୃକ୍ତ ଖବରଦାତାଙ୍କୁ ଉଦ୍ଧାର କରିବା ସହ ସଦର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ମେଡିକାଲ ପଠାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏନେଇ ତାଙ୍କ ବଡ଼ଭାଇ ତ୍ରୈଲୋକ୍ୟ ନାଥ ପୃଷ୍ଟି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ସିବାଶିଷ ଦାସ ନଂ.୧୫୨।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ରହ୍ମବରଦା ପ୍ରେସ କ୍ଲବ ପକ୍ଷରୁ ଦାବି ହୋଇଛି। ତେବେ ଦୁର୍ବୃତ୍ତ କାହିଁକି ତାଙ୍କୁ ଆକ୍ରମଣ କଲେ ତାହା ଜଣାପଡ଼ିନାହିଁ।

### ଯୁବତୀଙ୍କ ମୃତଦେହ ଜବତ

**ପାଟଣା,୬।୬(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମ ଝପାସାହିରେ ଗୁରୁବାର ଶୋଇବା ଘରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ବାଟି ବୁଲିଉଲିଙ୍କ ଝିଅ ଶକୁନ୍ତଳା ବୁଲିଉଲି। ଶକୁନ୍ତଳା ପାଟଣା କଲେଜରୁ ଯୁକ୍ତ ୨ ପରୀକ୍ଷାରେ ଫେଲ ହେବା ପରେ ଘରେ ରହୁଥିଲେ। କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ.୩୩/୨୪) ରୁଜୁ ହୋଇ ତଦନ୍ତ ଚାଲିଥିବା ଏଏସଆଇ ସୋରଜ କୁମାର ସେଠୀ କହିଛନ୍ତି।

# ବିଶ୍ୱ ପରିବେଶ ଦିବସ ପାଳିତ

**ଚଣ୍ଡିଖୋଲ,୬।୬(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ଉଦୟମାନ ପାଠାଗାର ପରିସରରେ ଉଦୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦିକା ଅରୁଣୀ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଅଧ୍ୟାପକ ପଦ୍ମନାଭ ପଣ୍ଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଜନୀକାନ୍ତ ପୃଷ୍ଟି, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଶିକ୍ଷା ନିରୀକ୍ଷକ ରାମଚନ୍ଦ୍ର ଶୁକ୍ଳ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ପାଣି ପାଗର ଅନିୟମିତତା ଓ ଜଳବାୟୁ ପ୍ରଦୂଷଣର କାରଣ ଏବଂ ନିରାକରଣ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହସମ୍ପାଦିକା ସରୋଜିନୀ ପଣ୍ଡା, ସଂଯୋଜିକା ଗାୟତ୍ରୀ ରାଉତ, ବିନୋଦିନୀ ଦାସ, ଗୀତାଞ୍ଜଳି ମିଶ୍ର, ମୋନାଲିସା ପ୍ରଧାନ, କୋଷାଧ୍ୟକ୍ଷା ପାର୍ବତୀ ସାହୁ, ସ୍ୱେଚ୍ଛାସେବୀ ମାନସୀ ଦାଶ, ପ୍ରତିମା ପଣ୍ଡା, ଗୀତାଞ୍ଜଳି ସାହୁ, ଅନୁସୟା ରାଏ, ସେସାବନ୍ଦୀ ସାମନ୍ତରାୟ ଓ ତୁଳସୀ ଭଞ୍ଜଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ବୃକ୍ଷ ଓ ଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଉଦୟମାନ କଳାପରିଷଦର ଛାତ୍ରୀଛାତ୍ରଙ୍କ ମଧ୍ୟର ପରିବେଶ ସଂକ୍ରାନ୍ତିୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ, ମେଡାଲ ଓ ଗଛ ଉପହାର ଦିଆଯାଇଥିଲା। ଅନୁଷ୍ଠାନର ଉପସଭାପତି ପ୍ରକାଶ କୁମାର ନାୟକ ଧନ୍ୟବାଦ ଦେଇଥିଲେ।


ଧାନମଣ୍ଡଳସ୍ଥିତ ଉଦୟମାନ ପାଠାଗାର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ କୃତୀ ଛାତ୍ରୀଛାତ୍ରମାନେ।

### ସାବିତ୍ରୀ ଭାର ଦେଇ ଫେରୁଥିବା ବେଳେ ଜୀବନ ଗଲା

**ସୋର,୬।୬(ଜନ୍ମେଜୟ ମିଶ୍ର)**

ଝିଅ ଘରେ ସାବିତ୍ରୀ ଭାର ଦେଇ ଫେରୁଥିବା ବେଳେ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ଘଟିଛି। ଅନନ୍ତପୁର ଫାଣ୍ଡି ଅଧୀନ ବାଲିଛନ୍ଦା ଘାଟ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ବାସୁଦେବପୁର ବ୍ଲକ ଅଧୀନ ବାଲିମେଣ୍ଡ ଅଞ୍ଚଳର ସୁନିଲ ବାରିକ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ସୋର ମେଡିକାଲ ପଠାଇ ତଦନ୍ତ ଜାରି ରଖିଛି।

### ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

**ବାହାନଗା,୬।୬(ଅରୂପ କୁମାର ଦାସ)**

ରେମୁଣା ବ୍ଲକ ଗୋପାଳପୁର ଥାନା ତାଳପଦା ଗ୍ରାମର ଏକ ପରିତ୍ୟକ୍ତ ସ୍ଥାନରୁ ଗୁରୁବାର ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ମିଳିଛି। ମୃତକ ହେଲେ ସେହି ଗ୍ରାମର ସୁରେନ୍ଦ୍ର ମଳିକ(୪୮)। ଗ୍ରାମବାସୀଙ୍କଠାରୁ ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୋପାଳପୁର ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କେହି ତାଙ୍କୁ ହତ୍ୟାକରି ଫିଙ୍ଗି ଦେଇଥିବା ପରିବାର ଲୋକେ ସନ୍ଦେହ କରୁଥିବା କହିଛନ୍ତି।

# କାଏମା ପାହାଡ଼ରେ ୧୪ରୁ ବିଶ୍ୱଶାନ୍ତି ମହାଯଜ୍ଞ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଯଜ୍ଞ କମିଟିର କର୍ମକର୍ତ୍ତା।

**କାଏମା,୬।୬(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅଧୀନ ବଡ଼କାଏମା ପଞ୍ଚାୟତର ଐତିହାସିକ କାଏମା ପାହାଡ଼ ଉପରେ ରଜ ତିନିଦିନ ଧରି ଶ୍ରୀହରି ଅବଧୂତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏନେଇ ଯଜ୍ଞ କମିଟି ପକ୍ଷରୁ ତୃତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମନୋଜ ମହାରଣା ଓ ସମ୍ପାଦକ ଅରୁଣ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ, ଜୁନ ୧୩ରେ ଅଙ୍କୁରାରୋପଣ ହେବା ପରେ ପ୍ରଥମ ରଜ ବା ଜୁନ ୧୪ରୁ ଯଜ୍ଞ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହେବ। ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡା ଓ ସହଯୋଗୀ ପଣ୍ଡିତଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦିତ କରାଯିବ ବୋଲି ସୂଚନା ମିଳିଛି। ବୈଠକରେ ସର୍ବଶ୍ରୀ ସୁକାନ୍ତ ପଣ୍ଡା, ସୁକାନ୍ତ ମହାରଣା, ଭରତ ସାହାଣୀ, ମାୟାଧର ସାମଲ, ମଠାଧିସ ଜ୍ଞାନେନ୍ଦ୍ରୀୟ ଦାସ, ଅନନ୍ତ ବିଶ୍ୱାଳ, ସୋଲେଖ ମହାନ୍ତିଙ୍କ ସମେତ ସମସ୍ତ ଯୁବ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମିଟି ତରଫରୁ ସମସ୍ତ ଭକ୍ତଙ୍କୁ ବହୁ ସଂଖ୍ୟାରେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ଅନୁରୋଧ କରାଯାଇଛି।

